READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୬ ସଂଖ୍ୟା-୩୯ ୧୦ - ୧୬ ଅକ୍ଟୋବର, ୨୦୨୨ ଭୁବନେଶ୍ୱର Monday Weekly VOL-6 ISSUE-39 10th - 16th OCTOBER, 2022 BHUBANESWAR ₹ 5/- (8 Pages)



### ପୁଣି ଚର୍ଚ୍ଚାରେ ବିଜେଡି ଉତ୍ତରାଧିକାରୀ ପ୍ରସଙ୍ଗ

## ନବୀନ କହିଲେ କାର୍ଯ୍ୟ ଆରମ୍ଭ ହୋଇସାରିଛି

**ଭୁବନେଶ୍ୱର :** କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଭାରତ ବର୍ଷରେ ନବୀନ ପଟ୍ଟନାୟକ ଏଭଳି ଏକ ନାଁ ଯାହାଙ୍କର ଅଧିକ ପରିଚୟ ଆବଶ୍ୟକ ନାହିଁ। କେବଳ ଏଇ ନାଁ ହିଁ ଯଥେଷ୍ଟ। ତାଙ୍କର ପରିଚୟ, ସଫଳତା, ଉଦାହରଣ, ସବୁଥିରେ କେବଳ ସ୍ୱତନ୍ତ୍ର ନୁହଁନ୍ତି ସେ ଅନନ୍ୟ। ଦୀର୍ଘ ୨୫ ବର୍ଷର ଅବର୍ଣ୍ଣନୀୟ ରାଜନୈତିକ ଯାତ୍ରାର ଏହି ମହାନାୟକଙ୍କୁ ପ୍ରଶଂସକ ଯେତେ ବେଶି ପ୍ରଶଂସା କରନ୍ତି ସମାଲୋଚକମାନେ ତାଠାରୁ ଢେର କମ୍ ସମାଲୋଚନା କରିବାକୁ ସମର୍ଥ ହୋଇଥାଆନ୍ତି।



ଲଗାତାର ପାଞ୍ଚ ପାଞ୍ଚ ଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୦୦ରୁ ୨୦୧୯ ପ୍ରତି ନିର୍ବାଚନରେ କେବଳ ତାଙ୍କ ଦଳ ବିଜୁ ଜନତା ଦଳକୁ ବିଜୟୀ କରିନାହାନ୍ତି ବରଂ ପ୍ରତିଥର ଅଧିକରୁ ଅଧିକ ଜନ ସମର୍ଥନ ହାସଲ କରିଛନ୍ତି। ଦେଶରେ ସର୍ବାଧିକ କାଳ ମୁଖ୍ୟମନ୍ତ୍ରୀ ହେବାର ପ୍ରଥମ ତିନିଜଣଙ୍କ ମଧ୍ୟରେ ଜଣେ ନବୀନ ବାବୁ। ତେବେ ଏବେ ଏସବୁ ଆଲେଚନା କରିବାର କାରଣଟି ହେଉଛି 'ଉତ୍ତରାଧିକାରୀ ପ୍ରସଙ୍ଗ'। ହଁ, ଉତ୍ତରାଧିକାରୀ ପ୍ରସଙ୍ଗ ବା ପ୍ରଶ୍ନକୁ ନେଇ ନବୀନ ପଟ୍ଟନାୟକ ଏବେ ଗଣମାଧ୍ୟମରେ ପୁଣିଥରେ ଚର୍ଚ୍ଚାକୁ ଆସିଛନ୍ତି। ଇଂରାଜୀ ସାପ୍ତାହିକ 'ଦ ୱିକ୍'ରେ ପ୍ରକାଶିତ ନବୀନଙ୍କ ଏକ ସାକ୍ଷାତକାରକୁ ନେଇ କେବଳ ଓଡ଼ିଆ କିମ୍ବା ଓଡ଼ିଶା ନୁହେଁ ଦେଶର ରାଜନୈତିକ ମହଲରେ ମଧ୍ୟ ଆଲୋଚନା ଆରମ୍ଭ ହୋଇଛି। ତେବେ ଉତ୍ତରାଧିକାରୀ ପ୍ରସଙ୍ଗରେ କ'ଣ କହିଛନ୍ତି ନବୀନ ପଟ୍ଟନାୟକ? ନବୀନ ବାବୁଙ୍କ ପରେ କିଏ? କିଏ ଧରିବ ବିଜୁ ଜନତା ଦଳର ମଙ୍ଗ? ସିଧା କଥାରେ ନବୀନ ପଟ୍ଟନାୟକଙ୍କ ଉତ୍ତରାଧିକାରୀ କିଏ? ଏହି ପ୍ରଶ୍ନର ଉତ୍ତରରେ ୭୫ ବର୍ଷୀୟ ଓଡ଼ିଶା ମୁଖ୍ୟମନ୍ତ୍ରୀ ➤ ପୃ-୬

### ଧାମନଗର ଉପନିର୍ବାଚନ

## ମହଙ୍ଗା ପଡ଼ିପାରେ ବାଜି




**ଭୁବନେଶ୍ୱର :** ଧାମନଗର ବିଧାନସଭା ଉପନିର୍ବାଚନ ପାଇଁ ତାରିଖ ଘୋଷଣା ସହ ନିର୍ବାଚନୀ ବିଗୁଲ ବାଜିଛି। ଧାମନଗରର ଦିବଂଗତ ବିଜେପି ବିଧାୟକ ବିଷ୍ଣୁ ସେଠୀଙ୍କ ମୃତ୍ୟୁର ମାତ୍ର ୨୧ଦିନ ମଧ୍ୟରେ ଉପନିର୍ବାଚନ ତାରିଖ ଘୋଷଣା କରି ନିର୍ବାଚନ କମିଶନ ରାଜ୍ୟରେ ନିର୍ବାଚନୀ ପାଣିପାଗକୁ ଉଷ୍ମ କରିଦେଇଥିବାବେଳେ ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଏହି ଉପନିର୍ବାଚନ ସମସ୍ତ ୩ ରାଜନୀତିକ ଦଳ ବିଜେଡି,ବିଜେପି ଓ କଂଗ୍ରେସ ପାଇଁ ଅଗ୍ନିପରୀକ୍ଷା ସଦୃଶ ହୋଇଛି। ଧାମନଗର ଉପନିର୍ବାଚନ ଫଳାଫଳ ରାଜ୍ୟରେ ଆଗାମୀ ସାଧାରଣ ନିର୍ବାଚନରେ ମୁଖ୍ୟତଃ ବିଜେଡି ଓ ବିଜେପିର ଭବିଷ୍ୟତ ନିର୍ଦ୍ଧାରଣ କରିବାର ସମ୍ଭାବନା ଥିବାରୁ ଏହି ଦୁଇ ଦଳ କେଉଁଭଳି ରଣନୀତି ଆପଣାଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର। ସୂଚନା ଅନୁସାରେ, ଭଦ୍ରକ ଜିଲ୍ଲା ଶାସକ ବିଜେଡିର ଗଡ଼ ହୋଇଥିଲେ ମଧ୍ୟ ଧାମନଗର ବିଧାନସଭା ଆସନଟି ଗତ ୨ ଦଶନ୍ଧି ଧରି ବିଜେଡି ପାଇଁ ଏକପାଖିଆ ଭୋଟ ଫଳାଫଳ ଦେଇନାହିଁ। ୨୦୦୯ରୁ ଧାମନଗର ବିଧାନସଭା ➤ ପୃ-୬

## ଆସିବ ଅତିରିକ୍ତ ବଜେଟ୍ !

**ଭୁବନେଶ୍ୱର :** ଚଳିତବର୍ଷ ଲାଗି ଅତିରିକ୍ତ ବଜେଟ ଆଣିବା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ହେଉଛନ୍ତି। ଏହିକ୍ରମରେ ଅର୍ଥ ବିଭାଗ ପକ୍ଷରୁ ବଜେଟ ନିର୍ଦ୍ଦେଶକ ଡ. ଏସ ପି ରଥ ସବୁ ବିଭାଗ ମୁଖ୍ୟଙ୍କଠାରୁ ପ୍ରସ୍ତାବ ଲୋଡ଼ିଛନ୍ତି। ଯଦି କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା (ସିଏସଏସ) କିମ୍ବା ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଯୋଜନା କରାଯିବାର ରହିଛି ସେ ନେଇ ନିର୍ଦ୍ଦିଷ୍ଟ ଦୂରସଞ୍ଚାର ପୋର୍ଟାଲ(ବେଟା) ଜରିଆରେ ଅବଗତ କରାଇବାକୁ ଶ୍ରୀ ରଥ ଦର୍ଶାଇଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ଚଳିତବର୍ଷ ପଞ୍ଚାୟତ ଓ ପୌର ନିର୍ବାଚନ ଲାଗି ୨୦୨୨-୨୩ ଆର୍ଥିକବର୍ଷର କାମଚଳା ବଜେଟ ଅଧିବେଶନ ତରବରିଆ ଭାବେ ଅଣାଯାଇଥିଲା। ଏହାପରେ ଜୁଲାଇରେ ବାର୍ଷିକ ବଜେଟ୍ ଅଧିବେଶନ ହୋଇଛି। ଏହାସତ୍ତ୍ୱେ ପ୍ରତିବର୍ଷ ନଭେମ୍ବରରେ ଅତିରିକ୍ତ ବଜେଟ ଅଧିବେଶନ ହେଉଥିବା ଦୃଷ୍ଟିରୁ ଚଳିତବର୍ଷ ଅତିରିକ୍ତ ➤ ପୃ-୬

## ୧୦ ପ୍ରକଳ୍ପକୁ ସିଙ୍ଗଲୱିଣ୍ଡୋ ମଞ୍ଜୁରୀ

**ଭୁବନେଶ୍ୱର :** ରାଜ୍ୟରେ ୧୦ଟି ନୂଆ ପୁଞ୍ଜିନିବେଶ ପ୍ରକଳ୍ପକୁ ରାଜ୍ୟସ୍ତରୀୟ ସିଙ୍ଗଲୱିଣ୍ଡୋ ମଞ୍ଜୁରୀ ମିଳିଛି। ଏହି ପ୍ରକଳ୍ପ ମାଧ୍ୟମରେ ୧୯୨୩.୬୦କୋଟି ଟଙ୍କାର ପୁଞ୍ଜିନିବେଶ ସହ ୫୧୭୦ଜଣଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ମିଳିବ। ରାଜ୍ୟ ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ସିଙ୍ଗଲୱିଣ୍ଡୋ କମିଟି ବୈଠକରେ ଆଲିମିନିୟମ ଓ ଷ୍ଟିଲ ଡାଉନଷ୍ଟ୍ରିମ, ଅକ୍ଷୟ ଶକ୍ତି, ସୂଚନା ଓ ପ୍ରଯୁକ୍ତିବଦ୍ୟା, କୃଷି ଉତ୍ପାଦ ଓ ଖାଦ୍ୟ ପ୍ରକ୍ରିୟାକରଣ, ତୈଳ ଓ ଗ୍ୟାସ, ବୈଦ୍ୟୁତିକ ପଦାର୍ଥ ଉତ୍ପାଦନ, ଭିତ୍ତିଭୂମି, ପର୍ଯ୍ୟଟନ, ବୟନ ଶିଳ୍ପ, ରସାୟନ ଓ ମ୍ୟାନୁଫାକଚରିଂ କ୍ଷେତ୍ର ସାମିଲ ରହିଛି। ଏସବୁ ପ୍ରକଳ୍ପ ଦ୍ୱାରା ରାଜ୍ୟରେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ରାଜ୍ୟର ଆର୍ଥିକ ପ୍ରଗତିରେ ଏହା ସହାୟକ ହେବ। ଏହି ସମସ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ନିମନ୍ତେ ନିର୍ଦ୍ଦିଷ୍ଟ ସମୟସୀମା ➤ ପୃ-୬

### ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ବୟାନ

## ପତ୍ନୀ ଓ ପିଲାଙ୍କୁ ପୋଷିବାକୁ ସ୍ୱାମୀ ବାଧ୍ୟ

**ନୂଆଦିଲ୍ଲୀ:** ପତ୍ନୀ ଓ ପିଲାଙ୍କ ପ୍ରତି ଜଣେ ପୁରୁଷର କର୍ତ୍ତବ୍ୟ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ବୟାନ ଦେଇଛନ୍ତି ସୁପ୍ରିମକୋର୍ଟ। ନିଜର ପତ୍ନୀ ଓ ଛୋଟ ପିଲାଙ୍କୁ ଆର୍ଥିକ ସହଯୋଗ କରିବାକୁ ଜଣେ ପୁରୁଷ ବା ସ୍ୱାମୀ ବାଧ୍ୟ। ପତ୍ନୀ ଓ ପିଲାଙ୍କୁ ପୋଷିବା ପାଇଁ ସ୍ୱାମୀ ଟଙ୍କା ରୋଜଗାର କରିବା ଦରକାର। ଏଥିପାଇଁ ସ୍ୱାମୀ ଦରକାର ପଡ଼ିଲେ ଶାରୀରିକ ପରିଶ୍ରମ ମଧ୍ୟ କରିବେ। ସେ କେବେ ହେଲେ ନିଜ କର୍ତ୍ତବ୍ୟ କିମ୍ବା ଦାୟିତ୍ୱକୁ ଅଣଦେଖା କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଜଷ୍ଟିସ ଦିନେଶ ମାହେଶ୍ୱରୀ ଓ ଜଷ୍ଟିସ ବେଲା ଏମ ତ୍ରିବେଦୀଙ୍କୁ ନେଇ ➤ ପୃ-୬

## ଓସିଏସ୍ ପରୀକ୍ଷାରେ ତେଜସ୍ୱିନୀ ଟପ୍ପର



**ଭୁବନେଶ୍ୱର :** ପ୍ରକାଶ ପାଇଲା ଓଡ଼ିଶା ସିଭିଲ୍ ସର୍ଭିସ୍-୨୦୨୦ ପରୀକ୍ଷା ଫଳ। ଉତ୍ତୀର୍ଣ୍ଣ ହେଲେ ମୋଟ ୩୯୨ ପରୀକ୍ଷାର୍ଥୀ। ସେଥି ମଧ୍ୟରୁ ୧୪୮ ଜଣ ଛାତ୍ରୀ ଅଛନ୍ତି। ତେଜସ୍ୱିନୀ ବେହେରା ହୋଇଛନ୍ତି ଓଏଏସ୍ ଟପ୍ପର। ପ୍ରକାଶ ପାଇଥିବା ଓଏଏସ୍ ପରୀକ୍ଷା ଫଳ। ଏଥିରେ ପ୍ରଥମ ୩ଟି ସ୍ଥାନ ଅଧିକାର କରିଛନ୍ତି ଛାତ୍ରୀ। ତେଜସ୍ୱିନୀ ବେହେରା ଓଏଏସ୍ ଟପ୍ପର ହୋଇଥିବା ବେଳେ ଶୁଭଙ୍କରୀ ସୁଦେଷ୍ଣା ଦାଶ ଦ୍ୱିତୀୟ ଓ ଅନନ୍ୟା ସୃଷ୍ଟି ଶତପଥୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଚତୁର୍ଥରେ ଦେବବ୍ରତ କର, ପଞ୍ଚମରେ ଦେବବ୍ରତ ମହାରଣା, ଷଷ୍ଠରେ ଅଭିସ୍ମିତା ତିୱାରୀ, ସପ୍ତମରେ ଶୁଭଶ୍ରୀ ରଥ, ଅଷ୍ଟମରେ ଶ୍ରୀତପା ମିଶ୍ର, ନବମରେ ବିବେକାନନ୍ଦ ଷଡ଼ଙ୍ଗୀ, ➤ ପୃ-୬

### ଡିଇଓ ଅଫିସରେ ବ୍ୟାପକ କେଳେଙ୍କାରୀ

## ସାଧାରଣରେ ତଦନ୍ତ ଦାବି

**ଭଦ୍ରକ :** ଭଦ୍ରକ ଜିଲ୍ଲା ଶିକ୍ଷା ବିଭାଗରେ ବ୍ୟାପକ କେଳେଙ୍କାରୀ। ଏଠାରେ ଜଣେ କାର୍ଯ୍ୟରତ କିରାଣୀଙ୍କ ବିରୁଦ୍ଧରେ ଅଭିଯୋଗ ହୋଇଥିଲେ ବି ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ) ଏହାର ଦୁଇ ପ୍ରକାର ତଦନ୍ତ କରି ରିପୋର୍ଟ ଦେଇଥିବା ଜଣାପଡିଛି। ଗୋଟିଏ ରିପୋର୍ଟରେ ଭୁଲ ହୋଇଥିବା ଦର୍ଶାଯାଇଥିଲା ବେଳେ ଅନ୍ୟ ଏକ ରିପୋର୍ଟରେ ଠିକ୍ ହୋଇଛି ବୋଲି ଦର୍ଶାଇଛନ୍ତି। ତଥ୍ୟ ଅନୁଯାୟୀ, ଆଜକୁ ଦୁଇବର୍ଷ ତଳେ ବିକାଶ କୁମାର ଧଳ ନାମକ ଜଣେ ସୂଚନା ଅଧିକାର କର୍ମୀ ମଦନ ମୋହନ ନାୟକ, ବରିଷ୍ଠ କିରାଣୀଙ୍କ ବିରୁଦ୍ଧରେ ଅଭିଯୋଗ



କରିଥିଲେ ଯେ, ରାନ୍ଧିଆ ଗ୍ରାମ ପଞ୍ଚାୟତ ହାଇସ୍କୁଲର ପିଅନ ଶତ୍ରୁଘ୍ନ ଦାସ ୪ ବର୍ଷ ଧରି ଜମାରୁ ବିଦ୍ୟାଳୟକୁ ଯାଇନଥିଲେ। ହେଲେ ମଦନ ମୋହନ ନାୟକ ତାଙ୍କର ସର୍ଭିସ୍ ରେକର୍ଡକୁ ଅପଡେଟ୍ କରି ଦେଇଥିଲେ। ତେଣୁ ଶତ୍ରୁଘ୍ନ କାର୍ଯ୍ୟ ନକରି ମଧ୍ୟ ଦରମାରୁ ବଞ୍ଚିତ ହୋଇଥିଲେ ବି ଅବସର ପରେ ସରକାରଙ୍କ ଠାରୁ ସମସ୍ତ ବକେୟା ଅର୍ଥ ପାଇଥିଲେ ଏବଂ ବିଭାଗର ନିୟମ ଅନୁସାରେ ସବୁପ୍ରକାର ସରକାରୀ ସୁବିଧା ପାଇଗଲେ। ଏହାକୁ ନେଇ ଡିଇଓ ମହୋଦୟଙ୍କ ନିକଟରେ ଯେଉଁ ଅଭିଯୋଗ କରାଯାଇଥିଲା ଭଦ୍ରକ ଡିଇଓ କପିଳେନ୍ଦ୍ର ମିଶ୍ର ତଦନ୍ତ କରି ରିପୋର୍ଟ ଦେଲେ ଯେ, ନିୟମ ବହିର୍ଭୂତ କାର୍ଯ୍ୟ ହୋଇଛି। ହେଲେ ଏହି ବେନିୟମ କାର୍ଯ୍ୟ କରିଥିବା ➤ ପୃ-୬


### ବକ୍ରବାଣୀ



କିଏ ଜାଣିଥିଲା ଏମିତି ହବ
ଭୋଅଟ ପ୍ରଚାର ନାନୀ କରିବ
ଦିନ କେଇଟାରେ ଗୀତ ଗାଇଲା
ମାନ ମହତକୁ ସବୁ ସାଇଲା
ପଦପଦବୀର ଗାରିମା ଭୁଲି
ଅଣ୍ଟା ଭିଡ଼ିଦେଲା ହୃଦୟ ଖୋଲି
ମଣିଷ ଜନମ ଦି'ଦିନ ପାଇଁ
ତୁଚ୍ଛାଟାରେ ଗର୍ବ କରନ୍ତି କାହିଁ
ଭଲା ଆଚ୍ଛା ଦିନ ଅଇଲା ଭାଇ
ଚାଟୁକାର ସବୁ ଗଲେଣି ହେଇ

——— ଟୁଟୁ



## କେମିତି କଟିବ ଏ ସପ୍ତାହ

**ମେଷ** ମାନସିକ ଶାନ୍ତି ବୃଦ୍ଧି ହେବ। ଆୟ ଓ ବ୍ୟୟ ବଢ଼ିବ। ସଞ୍ଚୟ ଖର୍ଚ୍ଚ ହେବା ସମ୍ଭାବନା ଅଛି। କାର୍ଯ୍ୟକ୍ଷେତ୍ରରେ ସହଯୋଗ ପାଇବେ। ଧାର୍ମିକ କାର୍ଯ୍ୟକ୍ରମରେ ଯୋଗ ଦେଇପାରନ୍ତି। ଦମ୍ପତିମାନଙ୍କ ମଧ୍ୟରେ ତାଳମେଳ ବଢ଼ିବ।

**ବୃଷ** ହଠାତ୍ ସ୍ୱାସ୍ଥ୍ୟ ବିଗିଡ଼ିପାରେ। ବ୍ୟୟ ବଢ଼ିବ। କାର୍ଯ୍ୟକ୍ଷେତ୍ରରେ ସତର୍କତା ଅବଲମ୍ବନ କରନ୍ତୁ। ଛାତ୍ରମାନେ ପାଠରେ ମନ ଲଗାଇବା କଷ୍ଟ ହୋଇପାରେ। ବାଣୀରେ ଲଗାମ ଦିଅନ୍ତୁ। ପ୍ରେମରେ ତୃତୀୟ ବ୍ୟକ୍ତିର ପ୍ରବେଶ ସମ୍ଭାବନା ଅଛି।

**ମିଥୁନ** ରକ୍ତଚାପ ଜନିତ ରୋଗ ହୋଇପାରେ। ବ୍ୟବସାୟରେ କ୍ଷତି ହୋଇପାରେ। ପରିବାରରେ ବିଶୃଙ୍ଖଳା ଦେଖାଦେଇପାରେ। ସ୍ଥାନାନ୍ତର ଯୋଗ ଅଛି। ଛାତ୍ରମାନେ ସଫଳତା ପାଇବେ।

**କର୍କଟ** ଆୟରେ ଅହେତୁକ ବୃଦ୍ଧି ହୋଇପାରେ। ଆଶା ପୂରଣ ହୋଇପାରେ। ସମ୍ମାନିତ ହୋଇପାରନ୍ତି। ଛାତ୍ରମାନେ ଶିକ୍ଷକଙ୍କ ସହଯୋଗ ପାଇବେ। ଦମ୍ପତିମାନେ ଜଣେ ଅନ୍ୟକୁ ଉପହାର ଦେଇପାରନ୍ତି।

**ସିଂହ** ଶାରୀରିକ ପୀଡ଼ା ହୋଇପାରେ। ଦୁର୍ଘଟଣା ହୋଇପାରେ। ପଦସ୍ଥ ଅଧିକାରୀଙ୍କ ଠାରୁ ତିରସ୍କୃତ ହୋଇପାରନ୍ତି। ପାରିବାରିକ କଳହ ହୋଇପାରେ। ବିଦେଶ ଭ୍ରମଣର ଯୋଗ ରହିଛି।

**କନ୍ୟା** ପୁରୁଣା ରୋଗରୁ ମୁକ୍ତି ପାଇବେ। ନୂତନ ବ୍ୟବସାୟ କରିପାରନ୍ତି। କାର୍ଯ୍ୟ କ୍ଷେତ୍ରରେ ସତର୍କ ରହନ୍ତୁ। ସମ୍ମାନହାନୀ ଯୋଗ ଅଛି। ପ୍ରେମୀମାନଙ୍କ ମଧ୍ୟରେ ସମ୍ପର୍କରେ ତିକ୍ତତା ଦେଖା ଦେଇପାରେ।

**ତୁଳା** ପିତାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିପାରନ୍ତି। ଦୂରଯାତ୍ରା ଯୋଗ ଅଛି। ଆୟ ଓ ବ୍ୟୟ ସମାନ ରହିବ। ଅଟକି ଥିବା କାର୍ଯ୍ୟ ପୂରା ହେବ। ଉଚ୍ଚଶିକ୍ଷା ପାଇଁ ସମୟ ଅନୁକୂଳ। ଗୃହରେ ଶାନ୍ତି ବଜାୟ ରହିବ।

**ବିଛା** ଶାରୀରିକ ପୀଡାରୁ ମୁକ୍ତି ମିଳିବ। ସଞ୍ଚୟରେ ବୃଦ୍ଧି ହେବ। କାର୍ଯ୍ୟ କ୍ଷେତ୍ରରେ ପ୍ରଶଂସିତ ହେବେ। ନୂଆ ଚାକିରୀ ମିଳିପାରେ। ନୂତନ ଦ୍ରବ୍ୟ କିଣିପାରନ୍ତି। ଜୀବନସାଥୀଙ୍କ ଠାରୁ ପୂର୍ଣ୍ଣ ସହଯୋଗ ପାଇବେ।

**ଧନୁ** ଆଣ୍ଠୁଗଣ୍ଠି ଯନ୍ତ୍ରଣା ହୋଇପାରେ। ଆୟ ଓ ବ୍ୟୟରେ ବୃଦ୍ଧି ହେବ। ଧାର ଦିଅନ୍ତୁ ନାହିଁ। ଜମି ବା ଯାନ କ୍ରୟ କରିପାରନ୍ତି। ପ୍ରତିବନ୍ଧକରେ ଧୈର୍ଯ୍ୟ ରଖନ୍ତୁ। ଦାମ୍ପତ୍ୟ ଜୀବନ ସୁଖମୟ ହୋଇପାରେ।

**ମକର** ଜିଦଖୋର ମନବୃତ୍ତି ପ୍ରତ୍ୟାହାର କରନ୍ତୁ। ମଧ୍ୟମ ଧରଣର ଲାଭ ହୋଇପାରେ। ପ୍ରତିଯୋଗୀତା ମୂଳକ ପରୀକ୍ଷାରେ ଛାତ୍ରମାନେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କ କଥାକୁ ସମ୍ମାନ ଦିଅନ୍ତୁ।

**କୁମ୍ଭ** ବନ୍ଧୁ ଓ ପରିଜନଙ୍କ କଥାରେ ଦୁଃଖି ହେବେ। ଗାଡି ଚଳାଇବା ବେଳେ ଧ୍ୟାନ ରଖନ୍ତୁ। କାର୍ଯ୍ୟକ୍ଷେତ୍ରରେ ଅଳସୁଆ ହୋଇପାରନ୍ତି। ଛାତ୍ରମାନଙ୍କ ଆତ୍ମବିଶ୍ୱାସ ବଢ଼ିବ। ଦମ୍ପତିମାନଙ୍କର ମତାନ୍ତର ହୋଇପାରେ। ଗୃହରେ ଶାନ୍ତି ବଜାୟ ରହିବ।

**ମୀନ** ଉତ୍ତମ ସ୍ୱାସ୍ଥ୍ୟ ଅନୁଭବ କରିବେ। ଅର୍ଥପ୍ରାପ୍ତି ଯୋଗ ଅଛି। ଛାତ୍ରମାନେ ନୂତନ ଦିଗ ଚୟନ କରିପାରନ୍ତି। ନିଜ ବାଣୀରେ ଲଗାମ ଦିଅନ୍ତୁ। ପ୍ରେମୀମାନେ ଜଣେ ଅନ୍ୟକୁ ଉପହାର ଦେଇପାରନ୍ତି। ବିଦେଶ ଭ୍ରମଣର ଯୋଗ ଅଛି।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### ୟୁଜର୍ସଙ୍କୁ ସତର୍କ କରାଇଲେ ଟେଲିଗ୍ରାମ ପ୍ରତିଷ୍ଠାତା

# ଅସୁରକ୍ଷିତ ହ୍ୱାଟ୍ସଆପ୍ ଠାରୁ ଦୂରେଇ ରୁହ

**ନୂଆଦିଲ୍ଲୀ:** ମେସେଜିଙ୍ଗ ଆପ୍ ଟେଲିଗ୍ରାମର ପ୍ରତିଷ୍ଠାତା ପାଭେଲ ଦୁରୋଭ ହ୍ୱାଟ୍ସଆପକୁ ନେଇ ଏକ ବଡ଼ ଟିପ୍ପଣୀ କରିଛନ୍ତି। ହ୍ୱାଟ୍ସଆପ ସୁରକ୍ଷିତ ନଥିବା କହିବା ସହ ଏହାକୁ ନଜର ରଖିବା ପାଇଁ ବ୍ୟବହାର କରାଯାଉଥିବା ସେ ଅଭିଯୋଗ ଆଣିଛନ୍ତି। ଏହାସହ ୟୁଜରଙ୍କୁ ଏଥିପ୍ରତି ସତର୍କ ରହିବାକୁ କହିଛନ୍ତି। ଯଦି ଆପଣ ହ୍ୱାଟ୍ସଆପ ବ୍ୟବହାର କରୁଛନ୍ତି ତେବେ ହ୍ୟାକର ଆପଣଙ୍କ ଫୋନରେ ଥିବା ସମ୍ପୂର୍ଣ୍ଣ ଡାଟା ହାସଲ କରିପାରିବ ବୋଲି ସେ କହିଛନ୍ତି। ଦୁରୋଭ ନିଜର ଏହି ପୋଷ୍ଟରେ ଗତ ସପ୍ତାହରେ ବିଭିନ୍ନ ସ୍ଥାନରେ ପ୍ରକାଶ ପାଇଥିବା ହ୍ୱାଟ୍ସଆପର ଦୁର୍ବଳତାକୁ ଉଲ୍ଲେଖ କରିଛନ୍ତି। ସୁରକ୍ଷାଗତ ତ୍ରୁଟି ଯୋଗୁଁ, ଜଣେ ହ୍ୟାକର ଆପ୍ ବ୍ୟବହାରକାରୀଙ୍କ ଫୋନକୁ ସହଜରେ ନିୟନ୍ତ୍ରଣକୁ ନେଇପାରିବ। ସାମାନ୍ୟ ଭିଡିଓ କଲ ଜରିଆରେ




ହ୍ୟାକର ଜଣଙ୍କ ଫୋନକୁ ହ୍ୟାକ କରିପାରିବ ବୋଲି କହିଛନ୍ତି। ଗତ ସପ୍ତାହରେ ଦୁର୍ବଳତା ଜଣାପଡିବା ପରେ ହ୍ୱାଟ୍ସଆପ ଏହାକୁ ଦୂର କରିବା ପାଇଁ କାମ ଆରମ୍ଭ କରିଛି। କିନ୍ତୁ ଏହା ସାହାଯ୍ୟ କଲା ଭଳି ଜଣାପଡୁ ନାହିଁ ବୋଲି ଦୁରୋଭ କହିଛନ୍ତି। ନିଜ ଯୁକ୍ତିକୁ ବଳ ଦେବା ପାଇଁ ହ୍ୱାଟ୍ସଆପର ପୂର୍ବ ତ୍ରୁଟି ବିଷୟରେ ଉଲ୍ଲେଖ କରିଛନ୍ତି। ଏହା ପୂର୍ବରୁ ହ୍ୱାଟ୍ସଆପରେ ୨୦୧୭, ୨୦୧୮, ୨୦୧୯ ଏବଂ ୨୦୨୦ରେ ମଧ୍ୟ ଏହି ସମାନ ତ୍ରୁଟିର ସାମନା କରିଥିଲା ଏବଂ ପରେ ସମାଧାନ କରିଥିଲା । ଏହି ତମାନ ତ୍ରୁଟି ହ୍ୱାଟ୍ସଆପ ସୁରକ୍ଷିତ ନଥିବା ଦର୍ଶାଉଛି ଏବଂ ହ୍ୟାକର ସହଜରେ ୟୁଜର୍ସଙ୍କ ଫୋନ ଏବଂ କମ୍ପ୍ୟୁଟକୁ ହ୍ୟାକ୍ କରିପାରିବେ। ଏହି ସବୁ କାରଣରୁ ବହୁ ବର୍ଷ ଆଗରୁ ନିଜ ଫୋନରୁ ହ୍ୱାଟ୍ସଆପକୁ ଡିଲିଟ୍ କରିସାରିଥିବା ଟେଲିଗ୍ରାମର ପ୍ରତିଷ୍ଠାତା ଦୁରୋଭ କହିଛନ୍ତି।

# କାଶ୍ମୀରରେ ଭାଙ୍ଗିଲା ୭୫ ବର୍ଷର ରେକର୍ଡ

## ୨୦୨୨ରେ ପହଞ୍ଚିଲେ ୧.୬୨ କୋଟି ପର୍ଯ୍ୟଟକ

**ନୂଆଦିଲ୍ଲୀ :** ଚଳିତ ବର୍ଷ ଜାମ୍ମୁ କାଶ୍ମୀରର ରେକର୍ଡ ଭାଙ୍ଗିଛି। ୧.୬୨ କୋଟି ପର୍ଯ୍ୟଟକ ଜାମ୍ମୁ କାଶ୍ମୀର ପରିଦର୍ଶନ କରିଛନ୍ତି। ଯାହା ସ୍ୱାଧୀନତା ପରଠାରୁ ସର୍ବାଧିକ ହୋଇଛି। ଗୁରୁବାର ଦିନ ଜଣେ ସରକାରୀ ମୁଖପାତ୍ର



ଏହି ସୂଚନା ଦେଇଛନ୍ତି। ମୁଖପାତ୍ର କହିଛନ୍ତି ଯେ ଏହା କେନ୍ଦ୍ର ଶାସିତ ଅଞ୍ଚଳର ସମ୍ପୂର୍ଣ୍ଣ ବିକାଶ ଏବଂ ପରିବର୍ତ୍ତନର ସାକ୍ଷୀ। ତିନି ଦଶନ୍ଧି ପରେ କାଶ୍ମୀର ଲକ୍ଷ ଲକ୍ଷ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି ବୋଲି ସେ କହିଛନ୍ତି। ପର୍ଯ୍ୟଟନ ବିଶେଷଜ୍ଞମାନେ କହିଛନ୍ତି ଯେ ଏହା କାଶ୍ମୀର ପର୍ଯ୍ୟଟନର ସୁବର୍ଣ୍ଣ ଯୁଗକୁ ପ୍ରତ୍ୟାବର୍ତ୍ତନ। ଜାମ୍ମୁ କାଶ୍ମୀର ପରିଦର୍ଶନ କରୁଥିବା ପର୍ଯ୍ୟଟକଙ୍କ ରେକର୍ଡ ସଂଖ୍ୟା କେନ୍ଦ୍ର ଶାସିତ ଅଞ୍ଚଳରେ ଘଟିଥିବା ସମ୍ପୂର୍ଣ୍ଣ ବିକାଶ ଏବଂ ପରିବର୍ତ୍ତନକୁ ପ୍ରତିଫଳିତ କରିଥାଏ। ଏହା ବ୍ୟତୀତ ମୁଖପାତ୍ର କହିଛନ୍ତି ଯେ ଜାମ୍ମୁ କାଶ୍ମୀରରେ ପର୍ଯ୍ୟଟନ ହେଉଛି ସବୁଠାରୁ ବଡ ରୋଜଗାରର ଉତ୍ସ ଏବଂ ଜାନୁୟାରୀ ୨୦୨୨ରୁ ଆଜି ପର୍ଯ୍ୟନ୍ତ ୧.୬୨ କୋଟି ପର୍ଯ୍ୟଟକ ଜାମ୍ମୁ କାଶ୍ମୀର ପରିଦର୍ଶନ କରିଛନ୍ତି। ଯାହା ସ୍ୱାଧୀନତାର ୭୫ ବର୍ଷ ମଧ୍ୟରେ ସର୍ବାଧିକ ହୋଇଛନ୍ତି। ସେ କହିଛନ୍ତି ଯେ ଚଳିତ ବର୍ଷର ପ୍ରଥମ ଆଠ ମାସରେ ୩.୬୫ ଲକ୍ଷ ଅମରନାଥ ତୀର୍ଥଯାତ୍ରୀଙ୍କ ସମେତ ୨୦.୫ ଲକ୍ଷ ପର୍ଯ୍ୟଟକ କାଶ୍ମୀର ପରିଦର୍ଶନ କରିଛନ୍ତି। କହିବାକୁ ଗଲେ କାଶ୍ମୀରକୁ 'ପୃଥିବୀର ସ୍ୱର୍ଗ'ର ନାମ ଦିଆଯାଇଛି। ଦେଶ ତଥା ବିଶ୍ୱର ପର୍ଯ୍ୟଟକମାନେ ଏଠାକୁ ଆସନ୍ତି।

# ରସାୟନ ବିଜ୍ଞାନ ପାଇଁ ୩ ବିଜ୍ଞାନୀ ପାଇବେ ନୋବେଲ



**ନୂଆଦିଲ୍ଲୀ :** ବୁଧବାର ରସାୟନ ବିଜ୍ଞାନ ପାଇଁ ସମ୍ମାନଜନକ ନୋବେଲ ପୁରସ୍କାର ଘୋଷଣା କରାଯାଇଛି। ଆମେରିକାର ଦୁଇ ଜଣ ଓ ଡେନମାର୍କର ଜଣେ ବୈଜ୍ଞାନିକଙ୍କ ପାଇଁ ଏହି ପୁରସ୍କାର ଘୋଷଣା କରାଯାଇଛି। ୨୦୨୨ ପାଇଁ ଆମେରିକାର କାରୋଲିନ୍ ବେରତୋଜି, ବେରି ଶାର୍ପଲେସ୍ ଏବଂ ଡେନମାର୍କର ମୋର୍ଟେନ ମେଲାଡାଲ ଏହି ମର୍ଯ୍ୟାଦାଜନକ ପୁରସ୍କାରରେ ଭୂଷିତ ହେବେ। ରସାୟନ ବିଜ୍ଞାନ କ୍ଷେତ୍ର ଉଲ୍ଲେଖନୀୟ ଗବେଷଣା ଲାଗି ଏହି ୩ ଜଣଙ୍କୁ ମନୋନିତ କରାଯାଇଥିବା ବିଚାରକଙ୍କ ପକ୍ଷରୁ କୁହାଯାଇଛି। ତେବେ ୮୧ ବର୍ଷୀୟ ଶାର୍ପଲେସ୍ ଦ୍ୱିତୀୟ ଥର ପାଇଁ ଏହି ପୁରସ୍କାର ପାଇବେ। ୨୦୦୧ ରସାୟନ ବିଜ୍ଞାନ ପାଇଁ ଶାର୍ପଲେସ୍ ନୋବେଲ ପୁରସ୍କାର ପାଇଥିଲେ। ଆଲଫ୍ରେଡ ନୋବେଲଙ୍କ ନାମରେ ପ୍ରଦାନ କରାଯାଉଥିବା ଏହି ପୁରସ୍କାର ପାଇଁ ଚୟନ ନେଇ କେତେକ ନିର୍ଦ୍ଦିଷ୍ଟ ମାନଦଣ୍ଡ ରଖିଛନ୍ତି। ସେହିଅନୁଯାୟୀ, ରସାୟନ ବିଜ୍ଞାନ, ସାହିତ୍ୟ, ଶାନ୍ତି ଏବଂ ଅର୍ଥନୀତି ଓ ରସାୟନ ବିଜ୍ଞାନରେ ଉତ୍କର୍ଷତା ଲାଭ କରୁଥିବା ବୈଜ୍ଞାନିକଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଉଛି। ଆଲଫ୍ରେଡ କହିଥିଲେ ଯେ, ମୁଁ ଏମିତି ଏକ ଆବିଷ୍କାର ସନ୍ଧାନରେ ରୁହେ ଯାହା ମାନବ ସମାଜ ପାଇଁ କଲ୍ୟାଣକାରୀ ହେବ। ତେଣୁ ନିର୍ଦ୍ଧାରିତ ମାନଦଣ୍ଡ ପୂରଣ କରୁଥିବା ବ୍ୟକ୍ତିବିଶେଷ ହିଁ ଏହି ପୁରସ୍କା ପାଇବା ପାଇଁ ଯୋଗ୍ୟ ହୋଇଥାନ୍ତି। ୧୮୯୫ ଆଲଫ୍ରେଡ୍ ମୃତ୍ୟୁ ପରଠାରୁ ତାଙ୍କ ନାମରେ ଏହି ପୁରସ୍କାର ପ୍ରଦାନ କରାଯାଇ ଆସୁଛି।

# ଅଭିଯୋଗମୁକ୍ତ ଗାଁ ରରାଗତ୍ଲାପାଲ୍ଲି

**ମୁମ୍ବାଇ :** ପ୍ରତିଦିନ ଥାନାରେ ଶହ ଶହ ଅପରାଧିକ ମାମଲା ରୁଜୁ ହେଉଥିବାବେଳେ ତେଲଙ୍ଗାନାର ଏକ ସୁଦୂର ଗାଁ ଏ ମାମଲାରେ ସମସ୍ତଙ୍କୁ ଚକିତ କରିଛି। ଗତ ୪୦ ବର୍ଷରୁ ଗାଁର ନିକଟସ୍ଥ ଥାନାରେ ଗୋଟିଏ ବି ମାମଲା ରୁଜୁ ହୋଇନାହିଁ। ବିଶ୍ୱାସ ନ ହେଲେ ବି ଏହା ସତ। ଗାଁର ନାଁ ରରାଗତ୍ଲାପାଲ୍ଲି। ତେଲଙ୍ଗାନାର କାମାରେଡ୍ଡୀ ଜିଲ୍ଲାର ଭିକନୁର ମଣ୍ଡଳରେ ଅବସ୍ଥିତ ଏହି ଗାଁର ଲୋକସଂଖ୍ୟା ୯୩୦। ଏଠାରେ ୧୮୦ ପରିବାର ରହୁଛନ୍ତି। କାମାରେଡ୍ଡୀ ସ୍ପେଶାଲ ଜୁଡିସିଆଲ ମାଜିଷ୍ଟ୍ରେଟ୍ ଅଫ୍ ଫାର୍ଷ୍ଟ କ୍ଲାସ୍ ଓ ଡିଷ୍ଟ୍ରିକ୍ଟ ଲିଗାଲ୍ ସର୍ଭିସେସ୍ ଅଥରିଟି ଚେୟାରମ୍ୟାନ୍ ଜଷ୍ଟିସ୍ ଶ୍ରୀଦେବୀ ଏହି ଗାଁକୁ 'ଅଭିଯୋଗମୁକ୍ତ ଗାଁ' ଘୋଷଣା କରିଛନ୍ତି। ସେତିକି ନୁହେଁ, ନିକଟରେ ପାଳିତ ସ୍ୱାଧୀନତା ଦିବସ ଅବସରରେ ଗାଁର ପ୍ରଶାସନିକ କମିଟିର ପ୍ରତିନିଧିମାନଙ୍କୁ ସେ ଅଭିଯୋଗମୁକ୍ତ ଗାଁର ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗମୁକ୍ତ ଗାଁର ଶ୍ରେୟ ସମଗ୍ର ଗ୍ରାମବାସୀଙ୍କୁ ଯାଏ। କାରଣ ଗତ ୪୦ ବର୍ଷ ଧରି ଏଠାକାର ଲୋକେ ଗାଁ ମୁଖିଆଙ୍କ ପାଖକୁ ଯାଇ ନିଜ ନିଜ ସମସ୍ୟା ସମାଧାନ କରୁଛନ୍ତି। କାମାରେଡ୍ଡୀ ଏସ୍ପି ଶ୍ରୀନିବାସଙ୍କ କହିବା ଅନୁସାରେ, ରେକର୍ଡ ଅନୁସାରେ ଗାଁରେ ଗୋଟିଏ ବି ଘରୋଇ ହିଂସା ଓ ଅନ୍ୟ ମାମଲା ଗ୍ରାମବାସୀଙ୍କ ତରଫରୁ ଥାନାକୁ ଆସିନାହିଁ। ଦୀର୍ଘ ବର୍ଷ ଧରି ଗୋଟିଏ ବି ଅଭିଯୋଗ କରିନଥିବା ଗାଁକୁ ନେଇ ସେ ଖୁବ୍ ଖୁସି ହୋଇଛନ୍ତି। ଗାଁର ମୁଖିଆମାନଙ୍କ ଅନୁସାରେ, ଗ୍ରାମବାସୀଙ୍କ ମଧ୍ୟରେ ମଦ୍ୟପାନକୁ ନେଇ କଳି ଝଗଡ଼ାର ଆଶଙ୍କା ଥିଲା। ସେଥିପାଇଁ ଗତ ୧୨ ବର୍ଷ ଧରି ବ୍ୟବସାୟ କରିଆସୁଥିବା ଗାଁର ଏକ ମଦ ଦୋକାନକୁ ନିକଟରେ ବନ୍ଦ କରି ଦିଆଯାଇଛି। ଆହୁରି ମଧ୍ୟ ନିଷ୍ପତ୍ତି ନିଆଯାଇଛି ଯେ ଯଦି କେହି ମଦ ବିକ୍ରି କରେ, ତେବେ ଗାଁର ପ୍ରଶାସନିକ କମିଟିକୁ ତାକୁ ୫ ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ। ଗାଁରେ ୬୩ ଜଣିଆ ସଦସ୍ୟବିଶିଷ୍ଟ ଏକ ବରିଷ୍ଠ ନାଗରିକ କମିଟି ରହିଛି। ବରିଷ୍ଠ ବ୍ୟକ୍ତି କୌଣସି ସମସ୍ୟାର ସମ୍ମୁଖୀନ ହେଲେ, କମିଟି ତା'ର ସମାଧାନ କରେ। ଘରକୁ ଘର ବୁଲି ବରିଷ୍ଠ ନାଗରିକ ଓ ସେମାନଙ୍କ ପରିବାର ମଧ୍ୟରେ ସମସ୍ୟା ମଧ୍ୟ ଏମାନେ ତୁଟାଇଥାନ୍ତି। ଚାଷ ଉପରେ ପୂର୍ଣ୍ଣ ନିର୍ଭରଶୀଳ ଏହି ଗାଁର ଲୋକେ ନିକଟସ୍ଥ ବଜାରରେ ପରିବା ବିକ୍ରି କରି ନିଜକୁ ଆର୍ଥିକ ରୂପେ ସଶକ୍ତ କରୁଛନ୍ତି। ଗ୍ରାମବାସୀଙ୍କ ମଧ୍ୟରେ ଏକତା ଓ ଭାଇଚାରା ଭାବ ଗାଁକୁ ବିକାଶୋନ୍ମୁଖୀ କରୁଛି।

# କେସିଆରଙ୍କ 'ଟିଆରଏସ୍' ଏବେ 'ବିଆରଏସ୍'

**ହାଇଦ୍ରାବାଦ :** ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ତଥା ତେଲେଙ୍ଗାନା ରାଷ୍ଟ୍ର ସମିତି ଅଧକ୍ଷ ଚନ୍ଦ୍ରଶେଖର ରାଓ ଦଶହରା ପର୍ବ ଅବସରରେ ରାଷ୍ଟ୍ରୀୟ ଦଳ ଗଠନ କରିଛନ୍ତି। ତାଙ୍କ ରାଷ୍ଟ୍ରୀୟ ଦଳର ନାଁ ଭାରତ ରାଷ୍ଟ୍ର ସମିତି ବା ବିଆରଏସ୍। ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆରଏସ୍) ଏବେ ଭାରତ ରାଷ୍ଟ୍ର ସମିତି (ବିଆରଏସ୍) ହୋଇଛି ବୋଲି ସେ ଘୋଷଣା କରିଛନ୍ତି। କେନ୍ଦ୍ରର ବିଜେପି ସରକାରକୁ ଟକ୍କର ଦେବାକୁ




କେସିଆର୍ ଏହି ଦଳ ଗଠନ କରିଛନ୍ତି। ଏଥିପାଇଁ ସେ ଦୀର୍ଘ ଦିନ ଧରି ଯୋଜନା ପ୍ରସ୍ତୁତ କରିଥିଲେ। ୨୦୨୪ ଲୋକସଭା ନିର୍ବାଚନକୁ ଆହୁରି ଦେଢ଼ ବର୍ଷ ଅଛି। ଏବେଠାରୁ ବିଭିନ୍ନ ରାଜନୈତିକ ଦଳ ନିଜର ରଣନୀତି ପ୍ରସ୍ତୁତି କରିବାରେ ଲାଗିପଡ଼ିଲେଣି। ଏହି କ୍ରମରେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓ ନିଜକୁ ଜାତୀୟ ନେତା ଭାବେ ପରିଚିତ କରାଇବା ପାଇଁ ଓ ବିଜେପି ବିରୋଧୀ ନେତାଙ୍କୁ ଏକତ୍ର କରିବା ଲକ୍ଷ୍ୟରେ ମିଶନ ୨୦୨୪ ଆରମ୍ଭ କରିଛନ୍ତି। ଆଉ ଏହି କ୍ରମରେ ସେ ଆଜି ନିଜର ରାଷ୍ଟ୍ରୀୟ ଦଳ ଗଠନ କରିଛନ୍ତି। ରାଷ୍ଟ୍ରୀୟ ଦଳ ନାଁ ଘୋଷଣା ପରେ ମୁଖ୍ୟମନ୍ତ୍ରୀ କେସିଆର୍ ନିଜର ସମସ୍ତ କ୍ୟାବିନେଟ୍ ସହଯୋଗୀ ଓ ଦଳର ସମସ୍ତ ୩୩ ଜିଲ୍ଲାଧକ୍ଷଙ୍କୁ ନେଇ ଏକ ବୈଠକ କରିଥିଲେ। ଏହି ସମୟରେ ସେ ନିଜର ରାଷ୍ଟ୍ରୀୟ ଦଳର ଶୁଭାରମ୍ଭ ନେଇ ରୋଡ୍‌ମ୍ୟାପ୍ ଉପରେ ଚର୍ଚ୍ଚା କରିଥିଲେ। ପୂର୍ବରୁ ମଧ୍ୟ ଅନେକ ଥର କେସିଆର୍ ବିଭିନ୍ନ ଜନସଭାରେ ଖୁବ୍‌ଶୀଘ୍ର ଏକ ରାଷ୍ଟ୍ରୀୟ ଦଳ ଗଠନ କରିବାକୁ ଘୋଷଣା କରିଥିଲେ। ଆଉ ଏହି ଦଳ ବିଜେପିକୁ ଟକ୍କର୍ ଦେବ ବୋଲି ମଧ୍ୟ ସେ ସିଧାସଳଖ କହିଥିବା ନଜିର ରହିଛି। ସେପଟେ ଏହାକୁ ନେଇ ବିଜେପି ତେଲେଙ୍ଗାନା ମୁଖପାତ୍ର ଏନ.ଭି ସୁଭାଷ କହିଛନ୍ତି, 'ଜାତୀୟ ରାଜନୀତିରେ ପ୍ରବେଶ କରି ତାଙ୍କ ସରକାରଙ୍କ ବିଫଳତାକୁ ଦୂର କରିବା ପାଇଁ କେସିଆର ରଣନୀତି କରିଛନ୍ତି।'

# ପାକିସ୍ତାନ ସହ ଆଲୋଚନା କରିବୁନି : ଶାହା

**ଶ୍ରୀନଗର :** ପାକିସ୍ତାନ ସହ ଆଉ କୌଣସି ଆଲୋଚନା ହେବ ନାହିଁ। ତେବେ ଜାମ୍ମୁ-କାଶ୍ମୀରରେ ଆତଙ୍କବାଦର ସଫେଇ କରାଯିବ ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା କହିଛନ୍ତି। ଜାମ୍ମୁ-କାଶ୍ମୀର ଗସ୍ତରେ ଯାଇଥିବା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ସେଠାରେ ଏକ ରାଲିକୁ ସମ୍ବୋଧନ କରି ଉକ୍ତ ଅଞ୍ଚଳକୁ ଆତଙ୍କବାଦ ମୁକ୍ତ କରିବାକୁ ଶପଥ ନେଇଛନ୍ତି। ବାରାମୁଲାରେ ଏକ ବିଶାଳ ରାଲିକୁ ସମ୍ବୋଧନ କରି ଶାହ କହିଛନ୍ତି ଯେ ଜାମ୍ମୁ-କାଶ୍ମୀରରେ ଆତଙ୍କବାଦ ୧୯୯୦ ଠାରୁ ଏପର୍ଯ୍ୟନ୍ତ ୪୨୦୦୦ ଜୀବନ ନେଲାଣି। ଏବେ ଆଉ ନୁହେଁ। ଆଉ କୌଣସି ଆଲୋଚନା ନୁହେଁ। ଆତଙ୍କବାଦର ସଫେଇ ଏକମାତ୍ର ରାସ୍ତା ବୋଲି ଶାହା କହିଛନ୍ତି। କଂଗ୍ରେସକୁ ଟାର୍ଗେଟ୍ କରି ସେ କହିଛନ୍ତି ଯେଉଁମାନେ ଦେଶରେ ୭୦ ବର୍ଷ ଶାସନ କଲେ ସେମାନେ କହୁଛନ୍ତି ପାକିସ୍ତାନ ସହ ଆଲୋଚନା କର। କାହିଁକି ଆମେ ପାକିସ୍ତାନ ସହ ଆଲୋଚନା କରିବା? ଆମେ କଥା ହେବୁ ନାହିଁ। ଆମେ ବାରାମୁଲାର ଲୋକଙ୍କ ବିଷୟରେ



କଥା ହେବୁ। ଆମେ କାଶ୍ମୀର ଲୋକଙ୍କ ବିଷୟରେ କଥା ହେବୁ। ଆମେ ଜାମ୍ମୁ-କାଶ୍ମୀରକୁ ଦେଶର ସବୁଠାରୁ ଶାନ୍ତିପୂର୍ଣ୍ଣ ସ୍ଥାନ କରିବାକୁ ଚାହୁଁଛୁ ବୋଲି ଶାହ କହିଛନ୍ତି। ଏଥିସହିତ ଜାମ୍ମୁ-କାଶ୍ମୀର ବିକାଶ ହୋଇପାରି ନଥିବା ଯୋଗୁ ଅମିତ ଶାହ ଫାରକୁ ଅବଦୁଲ୍ଲାଙ୍କ ନ୍ୟାସନାଲ କନଫରେନ୍ସ, ମେହେବୁବା ମୁଫ୍ତିଙ୍କର ପିଡିପି ଓ କଂଗ୍ରେସକୁ ତୀବ୍ର ସମାଲୋଚନା କରିଛନ୍ତି। ଶାହା କହିଛନ୍ତି ମେହବୁବା ମୁଫ୍ତୀ ଏବଂ ଫାରୁକ ଅବଦୁଲ୍ଲା ୪ ମେଡିକାଲ କଲେଜ୍ ତିଆରି କରିଛନ୍ତି। ହେଲେ ଆମେ ୨୦୧୪ ଠାରୁ ୯ଟି ତିଆରି କରିସାରିଲୁଣି। କେବଳ ସେତିକି ନୁହେଁ ୨୦୧୪ ପରଠାରୁ ଆମେ ୯ ଲକ୍ଷ ଘର ତିଆରି କରିସାରିଲୁଣି। ଆମେ ସୁନିଶ୍ଚିତ କରିଛୁ ଯେ ଗତ ୩ ବର୍ଷ ଭିତରେ କାଶ୍ମୀର ସବୁ ଗାଁ ଏମିତିକି ପିଓକେରେ ଥିବା ଗାଁକୁ ବିଜୁଳି ଯୋଗାଣ ହେବ। ଗୃହମନ୍ତ୍ରୀ ଅମିତ ଶାହ ରାଜୌରୀରେ ଥିବା ପାହାଡ଼ୀ କମ୍ୟୁନିଟିଙ୍କୁ ସଂରକ୍ଷଣ ଦିଆଯିବ ବୋଲି ଘୋଷଣା କରିଥିଲେ। ଅନୁସୂଚିତ ଜନଜାତି ବର୍ଗରେ ଶିକ୍ଷା ଓ ଚାକିରି କ୍ଷେତ୍ରରେ ଖୁବ୍‌ଶୀଘ୍ର ସେମାନଙ୍କୁ ସଂରକ୍ଷଣ ମିଳିବ ବୋଲି ଶାହ କହିଥିଲେ। ତେବେ ଧାରା ୩୭୦ ଥିବା କାରଣରୁ ସଂରକ୍ଷଣ ଦେବା ସମ୍ଭବ ହୋଇପାରୁ ନଥିଲା ବୋଲି ବାରାମୁଲାରେ ସମ୍ବୋଧନ କରି ଶାହ କହିଛନ୍ତି। ଜାମ୍ମୁ-କାସ୍ମୀରରେ ନିର୍ବାଚନ ହେବା ନେଇ ଶାହ କହିଛନ୍ତି ଯେ ଭୋଟରଙ୍କ ତାଲିକା ସୁନିଶ୍ଚିତ ହେବା ପରେ ନିର୍ବାଚନ ପକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛାତାର ସହ ହେବ।

# 'ମାଗଣା ଯୋଜନା ପାଇଁ ଟଙ୍କା କେଉଁଠୁ ଆସିବ'

**ନୂଆଦିଲ୍ଲୀ:** ଭୋଟରଙ୍କୁ ଆକୃଷ୍ଟ କରିବାକୁ ମାଗଣା ପ୍ରତିଶ୍ରୁତି ଦେଉଛନ୍ତି ରାଜନୀତିକ ଦଳ। ଦିଲ୍ଲୀରେ ଆପ୍ ସରକାର ହେଉ କି କେନ୍ଦ୍ରର ବିଜେପି, କେହି ବି ଏହି ମାଗଣା ଯୋଜନାର ଲୋଭ ଦେଖାଇବାକୁ ଭୁଲି ନାହାନ୍ତି। ଓଡ଼ିଶାରେ କ୍ଷମତାସୀନ ବିଜେଡି ମଧ୍ୟ ଏହି ମାଗଣା ଜିନିଷ ଯୋଗାଇ ଦେବାର ପ୍ରତିଶ୍ରୁତିରେ ପଛରେ ନାହିଁ। ଫ୍ରିବିସ୍ ବା ମାଗଣା ଯୋଜନା କଥା କହି ଭୋଟ ହାତେଇବାକୁ ଚେଷ୍ଟା କରୁଥିବା ରାଜନୀତିକ ଦଳଗୁଡ଼ିକ କିଛି ଆକଳନ କରି ଏମିତି କରୁଛନ୍ତି ନା କେବଳ ପ୍ରତିଶ୍ରୁତି ବର୍ଷା କରୁଛନ୍ତି, ସେକଥା ଜାଣିବାକୁ ଚାହିଁଛନ୍ତି ନିର୍ବାଚନ କମିଶନ। ଦିନକୁ ଦିନ ଦେଶରେ ଫ୍ରିବିସ୍ ବା ମାଗଣା ଯୋଜନାର ବିତର୍କ ବଢ଼ିବାରେ ଲାଗିଛି। ଏଥିପାଇଁ ନିର୍ବାଚନ କମିଶନ ସମସ୍ତ ଆଞ୍ଚଳିକ ଓ ଜାତୀୟ ରାଜନୀତିକ ଦଳଗୁଡ଼ିକୁ ବିସ୍ତୃତ ତଥ୍ୟ ଦେବାକୁ ଚିଠି ଲେଖିଛନ୍ତି। ଲୋକସଭା କିମ୍ବା ବିଧାନସଭା ନିର୍ବାଚନ ବେଳେ ରାଜନୀତିକ ଦଳ ଭୋଟ ହାତେଇବାକୁ ମୋଟ କେତେ ଟଙ୍କାର ମାଗଣା ଯୋଜନା ଲାଗୁ କରିବାର ପ୍ରତିଶ୍ରୁତି ଦେଉଛନ୍ତି? ସେହିପରି ମାଗଣା ଯୋଜନା ପାଇଁ କେତେ ଟଙ୍କା ଖର୍ଚ୍ଚ କରାଯିବ, ଏହା କେଉଁଠୁ ଆସିବ ଓ କେଉଁ ବର୍ଗର ଲୋକମାନେ ଲାଭବାନ ହେବେ, ସେନେଇ ମଧ୍ୟ ତଥ୍ୟ ଦେବାକୁ ନିର୍ବାଚନ କିମଶନ ଚିଠିରେ ଉଲ୍ଲେଖ କରିଛନ୍ତି। ଏହାଦ୍ୱାରା ଭୋଟରମାନଙ୍କ ପାଖରେ ଦେଶ ତଥା ରାଜ୍ୟର ଆର୍ଥିକ ସ୍ଥିତି ସମ୍ପର୍କରେ ନେଇ ଗୋଟିଏ ସ୍ୱଷ୍ଟଚିତ୍ର ରହିପାରିବ ବୋଲି ଇସି ଆଶା ରଖିଛନ୍ତି। ଏହି ଚିଠି ଉପରେ ଅକ୍ଟୋବର ୧୯ ସୁଦ୍ଧା ଜବାବ ଦାଖଲ କରିବାକୁ ମଧ୍ୟ ଇସି କହିଛନ୍ତି। ଦେଶରେ ଆରମ୍ଭ ହୋଇଥିବା ମାଗଣା ଯୋଜନା ପରମ୍ପରାକୁ ପରୋକ୍ଷରେ ବିରୋଧ କରି ନିର୍ବାଚନ କମିଶନ କହିଛନ୍ତି, ଭୋଟ ବେଳେ ଦିଆଯାଉଥିବା ମାଗଣା ଯୋଜନା ପ୍ରତିଶ୍ରୁତି ଆର୍ଥିକ ବ୍ୟବସ୍ଥା ଉପରେ କ'ଣ ପଡୁଛି ଓ ମାଗଣା ଯୋଜନା ସମ୍ପର୍କିତ ଅର୍ଥ କେଉଁଠୁ ଆସିବ, ସେକଥା ଭୋଟରମାନେ ଜାଣିବା ଦରକାର। ନିର୍ବାଚନ ବେଳେ ମିଥ୍ୟା ପ୍ରତିଶ୍ରୁତିର ଦୂରଗାମୀ ପ୍ରଭାବ ରହିଛି। ଯେଉଁ ସବୁ ପ୍ରତିଶ୍ରୁତି ପୂରଣ କରାଯାଇ ପାରିବ, ସେଭଳି କଥା ରାଜନୀତିକ ଦଳ କହି ଭୋଟରଙ୍କ ମନ ଜିତିବା



ଉଚିତ। ମିଥ୍ୟା ପ୍ରତିଶ୍ରୁତିର ଅନେକ କୁପ୍ରଭାବ ରହିଛି। ନିର୍ବାଚନ ଇସ୍ତାହାର ପ୍ରସ୍ତୁତ କରିବାର ଅଧିକାର କେବଳ ରାଜନୀତିକ ଦଳଗୁଡ଼ିକର ରହିଛି। ଏହାକୁ ନିର୍ବାଚନ କମିଶନ ଅସ୍ୱୀକାର କରୁନାହାନ୍ତି। କିନ୍ତୁ କିଛି ପ୍ରତିଶ୍ରୁତିର ଅବାଞ୍ଛିତ ପ୍ରଭାବକୁ ମଧ୍ୟ କମିଶନ ଅଣଦେଖା କରିପାରିବେ ନାହିଁ। ଏଥିସହ ସମସ୍ତ ରାଜନୀତିକ ଦଳ ଓ ପ୍ରାର୍ଥୀମାନଙ୍କ ପାଇଁ କମିଶନ ନିରପେକ୍ଷ ଓ ସ୍ୱଚ୍ଛ ନିର୍ବାଚନ ପାଇଁ ପଦକ୍ଷେପ ଗ୍ରହଣ କରୁଛନ୍ତି। ରାଜନୀତିକ ଦଳ ଓ ପ୍ରାର୍ଥୀମାନେ ଦେଉଥିବା ପ୍ରତିଶ୍ରୁତିକୁ ରକ୍ଷା କରିବା ପାଇଁ ଗୋଟିଏ ଆଚରଣବିଧି ରହିବା ଉଚିତ। ରାଜନୀତିକ ଦଳଗୁଡ଼ିକ ଦେଉଥିବା ପ୍ରତିଶ୍ରୁତି ଦ୍ୱାରା ଲୋକମାନେ କେଉଁ ଯାଏ ଓ କେତେ ପରିମାଣର ଲାଭ ପାଇବେ, ସେକଥା ବି ଜଣାଇବା ଦରକାର। ଲୋକଙ୍କୁ ମାଗଣା ଯୋଜନା ଯୋଗାଇ ଦେବା ପାଇଁ କ'ଣ ସବୁ ଆର୍ଥିକ ବ୍ୟବସ୍ଥା ହୋଇଛି, ରାଜସ୍ୱ କେଉଁ ଆଧାରରେ ବୃଦ୍ଧି କରାଯିବ ଓ ରାଜ୍ୟ ତଥା କେନ୍ଦ୍ରର ବୀତ୍ତିୟ ସଷ୍ଟେନବିଲିଟି ଉପରେ କ'ଣ ପ୍ରଭାବ ରହିବ, ତା'ର ମଧ୍ୟ ତଥ୍ୟ ସାର୍ବଜନୀନ ହେବ। ଯଦି ରାଜନୀତିକ ଦଳଗୁଡ଼ିକ କୌଣସି ଉତ୍ତର ନ ଦେବେ, ତା'ହେଲେ ଦଳଗୁଡ଼ିକ ପାଖରେ ଏହାର ଜବାବ ଓ ମାଗଣା ପ୍ରତିଶ୍ରୁତି କାର୍ଯ୍ୟକାରୀ କରିବାକୁ କୌଣସି ନିର୍ଦ୍ଦିଷ୍ଟ ଯୋଜନା ନଥିବା କମିଶନ ଭାବିନେବେ ବୋଲି ଚିଠିରେ କହିଛନ୍ତି। ଯଦି ରାଜନୈତିକ ଦଳ ଗୁଡ଼ିକ ଭୋଟ୍ ପୂର୍ବରୁ କୃଷି ଋଣ ଛାଡ଼ର ପ୍ରତିଶ୍ରୁତି ଦିଅନ୍ତି। କେଉଁ ବର୍ଗର ଚାଷୀ ଏଥିରୁ ଉପକୃତ ହେବେ। ସବୁ ଚାଷୀ ଉପକୃତ ହେବା ନା' ଛୋଟ ଓ ନାମମାତ୍ର ଚାଷୀ ଉପକୃତ ହେବେ, ସେ ସମ୍ପର୍କରେ ସୂଚନା ଦେବାକୁ ହେବ। ସେହିପରି ଏଥିପାଇଁ ଟଙ୍କା କେଉଁଠୁ ଆସିବ ସେ ସମ୍ପର୍କରେ ସୂଚନା ଦେବାକୁ ପଡ଼ିବ। ନିର୍ବାଚନ ସମୟରେ ରାଜନୀତିକ ଦଳ ଗୁଡ଼ିକର ପ୍ରତିଶୃତିକୁ ନେଇ ବିତର୍କ ଚାଲିଥିବା ବେଳେ ଏକ ନୂଆ ସଂସ୍କାର ଆଡକୁ ଅଗ୍ରସର ହେଉଛନ୍ତି ଭାରତୀୟ ନିର୍ବାଚନ କମିଶନ। ଏସମ୍ପର୍କରେ ନିର୍ବାଚନ କମିଶନ କହିଛନ୍ତି, ନିର୍ବାଚନ ବେଳେ ଦିଆଯାଉଥିବା ପ୍ରତିଶ୍ରୁତିର ଦୂରଗାମୀ ପ୍ରଭାବ ରହିଛି। ଯେଉଁ ସବୁ ପ୍ରତିଶ୍ରୁତି ପୂରଣ କରାଯାଇ ପାରିବ, ସେଭଳି କଥା ରାଜନୀତିକ ଦଳ କହି ଭୋଟରଙ୍କ ମନ ଜିତିବା ଉଚିତ। ମିଥ୍ୟା ପ୍ରତିଶ୍ରୁତିର ଅନେକ କୁପ୍ରଭାବ ରହିଛି।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର



ଭୁବନେଶ୍ୱର, ୧୦ - ୧୬ ଅକ୍ଟୋବର, ୨୦୨୨
ପରିକ୍ରମା

# ଓଡ଼ିଶାର 'ଜାଗା ମିଶନ' ଦେଶରେ ଶ୍ରେଷ୍ଠ

**ଭୁବନେଶ୍ୱର :** ଓଡ଼ିଶା ହେଉଛି ଦେଶର ପ୍ରଥମ ରାଜ୍ୟ, ଯିଏ କି ଭୂମିହୀନ ବସ୍ତିବାସିନ୍ଦାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇବା ପାଇଁ 'ଜାଗା ମିଶନ' ଭଳି ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛି। ରାଜ୍ୟ ସରକାରଙ୍କ ନୀତି ଅନୁଯାୟୀ, ୬ଟି ପର୍ଯ୍ୟାୟରେ ସର୍ବେକ୍ଷଣ କରାଯିବା ପରେ ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଜାଗା ମିଶନରେ ଜମି ଯୋଗାଇ ଦିଆଯାଉଛି। ଏହାପରେ ଉକ୍ତ ସରକାରୀ ଜମିରେ ଆବାସ ଯୋଜନାରେ ବାସଗୃହ ନିର୍ମାଣକୁ ଅନୁମୋଦନ ମିଳୁଛି। ଓଡ଼ିଶା ସରକାରଙ୍କ ଏହି ଯୋଜନା ଓ ତାହାର କାର୍ଯ୍ୟକାରିତାକୁ ଭାରତ ସରକାରଙ୍କ ସହିତ ଅନ୍ୟାନ୍ୟ ରାଜ୍ୟ ଉଚ୍ଚପ୍ରଶଂସା କରିଛନ୍ତି। ସହରାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ କରିବାରେ ଓଡ଼ିଶାର ଉତ୍ତମ ପ୍ରଦର୍ଶନ ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାକୁ ସ୍ୱତନ୍ତ୍ର ବର୍ଗର ପୁରସ୍କାର




ପ୍ରଦାନ କରିବେ। ଗୁଜରାଟର ରାଜକୋଟଠାରେ ଆସନ୍ତା ୧୭ରୁ ୧୯ ତାରିଖ ମଧ୍ୟରେ କେନ୍ଦ୍ର ନଗର ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଆୟୋଜନ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ରାଜ୍ୟ ନଗର ଉନ୍ନୟନ ବିଭାଗକୁ ତା'ର ନୀତି ଲାଗି ପୁରସ୍କୃତ କରିବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶକ ଶୁଭାଶିଷ ଦାସ ପତ୍ର ଲେଖି ଅବଗତ କରାଇଛନ୍ତି। ଶ୍ରୀ ଦାସ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ମନ୍ତ୍ରଣାଳୟ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହରାଞ୍ଚଳ)-୨୦୨୧ର ୧୫୦ଦିନିଆ ଉତ୍ତମ ପ୍ରଦର୍ଶନ ଲାଗି ତିନୋଟି ବର୍ଗରେ ଯୋଗ୍ୟ ରାଜ୍ୟ ଚିହ୍ନଟ କରାଯାଇଛି। ସେଥିମଧ୍ୟରେ ରାଜ୍ୟ ମହାନଗର ନିଗମ, ମହାନଗର ପରିଷଦ ଓ ନଗର ପଞ୍ଚାୟତ ପୁରସ୍କାର ରହିଥିବାବେଳେ ଦ୍ୱିତୀୟରେ ସ୍ୱତନ୍ତ୍ର ନୀତି ପ୍ରଣୟନ ଲାଗି ରାଜ୍ୟକୁ ସ୍ୱତନ୍ତ୍ର ବର୍ଗ ପୁରସ୍କାର ପ୍ରଦାନ କରାଯିବ। ଏହାସହିତ ତୃତୀୟରେ ହିତାଧିକାରୀଙ୍କୁ ପୁରସ୍କାର ପ୍ରଦାନ କରାଯିବ। ଏଥିମଧ୍ୟରୁ ଓଡ଼ିଶା ତାହାର ସ୍ୱତନ୍ତ୍ର ନୀତି ପାଇଁ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି। ଉକ୍ତ ଉତ୍ସବରେ ରାଜ୍ୟ ସରକାରଙ୍କ ପକ୍ଷରୁ କେଉଁ ଅଧିକାରୀ ଯୋଗଦେବେ ତାଙ୍କର ସମ୍ପୂର୍ଣ୍ଣ ଠିକଣା ପ୍ରଦାନ କରିବାକୁ ଶ୍ରୀ ଦାସ ପତ୍ରରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ଜାଗା ମିଶନ ନିର୍ଦ୍ଦେଶକ ଦେବାଶିଷ ସିଂହ କହିଛନ୍ତି ଯେ, ଏହାଦ୍ୱାରା ସରକାରଙ୍କ ଲକ୍ଷ୍ୟ ଧାର୍ଯ୍ୟ ୨ଲକ୍ଷ ହିତାଧିକାରୀଙ୍କ ମଧ୍ୟରୁ ୫୧ ହଜାର ହିତାଧିକାରୀଙ୍କ ପଟ୍ଟା ଅନୁମୋଦନ ହୋଇଥିବାବେଳେ ୧୫ ହଜାର ଲୋକଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇ ପାରିଛି।

# ପୈତୃକ ସମ୍ପତ୍ତିରେ ଉତ୍ତରାଧିକାରୀଙ୍କୁ ହକ୍ ଦେବାକୁ ରାଜସ୍ୱ ବିଭାଗର ନୂଆ ନିର୍ଦ୍ଦେଶନାମା

**ଭୁବନେଶ୍ୱର :** ଦୀର୍ଘଦିନ ଧରି ପଡ଼ି ରହିଥିବା ଜମିଜମା ବିବାଦର ସମାଧାନ ହେବ କି? ସହଜ ହେବ କି ଉତ୍ତରାଧିକାରୀଙ୍କୁ ସତ୍ତ୍ୱ ହସ୍ତାନ୍ତରଣ? ଏସବୁ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ଆଣୁଛନ୍ତି ନୂଆ ନିୟମ। ପୈତୃକ ସଂପତ୍ତିରେ ଉତ୍ତରାଧିକାରୀଙ୍କୁ ହକ୍ ଦେବା ପାଇଁ ରାଜସ୍ୱ ବିଭାଗର ନୂଆ ନିର୍ଦ୍ଦେଶନାମା ଜାରି କରିଛି। ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଜାରି ହୋଇଥିବା ନିର୍ଦ୍ଦେଶନାମା ଅନୁସାରେ ୧୯୯୦ ମସିହା ଅର୍ଥାତ ଦୀର୍ଘ ୩୨ ବର୍ଷ ଭିତରେ ଆଉ ସେଟେଲମେଣ୍ଟ ହୋଇନାହିଁ। ଯାହା ଫଳରେ ପୈତୃକ ସ୍ୱତ୍ତ୍ୱାଧିକାର ସେମାନଙ୍କ ଉତ୍ତରାଧିକାରୀଙ୍କ ପାଖକୁ ହସ୍ତାନ୍ତରଣରେ ସମସ୍ୟା ଉପୁଜିଛି। ପିଏମ୍ କିଷାନ ଭଳି ସରକାରୀ ଯୋଜନା, ଯେଉଁଥିରେ ଚାଷୀଙ୍କ ନାଁରେ ସ୍ୱତ୍ତ୍ୱ ବା ଜମିପଟା ଥିବାର ସର୍ତ୍ତାବଳି ରହୁଛି, ସେ କ୍ଷେତ୍ରରେ ଏସବୁ ଯୋଜନାରେ ସାମିଲ ହେବାରୁ ବଞ୍ଚିତ ହେଉଛନ୍ତି ହିତାଧିକାରୀ। ସେହିପରି ଚାଷୀଙ୍କୁ ଇନପୁଟ୍ ସବ୍‌ସିଡି ଓ ବ୍ୟାଙ୍କରୁ ଋଣ ନେବାରେ ସମସ୍ୟା ହେଉଛି। ଉକ୍ତ ସଂପତ୍ତିର ରାଜସ୍ୱ ମଧ୍ୟ ଠିକଣା ଭାବେ ମିଳିପାରୁ ନାହିଁ। ଏହାକୁ ଦୃଷ୍ଟିରେ ରଖି ଜମିର ମାଲିକାନା ପରିବର୍ତ୍ତନ ବେଳେ ରାଜସ୍ୱ ନିରୀକ୍ଷକମାନେ ସଂପୂର୍ଣ୍ଣ ରାଜସ୍ୱ ସଂଗ୍ରହ କରି ଠିକଣା ସ୍ୱତ୍ତ୍ୱ ପ୍ରଦାନ କରିବା ଦିଗରେ କାର୍ଯ୍ୟ କରିବେ ବୋଲି ଚିଠିରେ ଲେଖାଯାଇଛି। ନିର୍ଦ୍ଦେଶନାମାରେ ଆହୁରି ମଧ ଦର୍ଶାଯାଇଛି ଯେ ରାଜସ୍ୱ ବିଭାଗର ଭୂ-ସଂସ୍କାର ଆଇନ୍ ୧୯୬୦



ଅନୁଯାୟୀ ଜମି ବଣ୍ଟନ ବେଳେ ସବୁ ଅଂଶୀଦାରମାନେ ସ୍ୱାକ୍ଷର ଦେଲେ, ଏହାର ବଣ୍ଟନ ହୋଇପାରିବ। ସେହି ଅନୁଯାୟୀ ପ୍ରଶାସନିକ ଅଧିକାରୀମାନେ ପୈତୃକ ସଂପତ୍ତିର ମାଲିକାନା ପରିବର୍ତ୍ତନ ଦିଗରେ ପଦକ୍ଷେପ ସ୍ୱତନ୍ତ୍ର ଅଭିଯାନ କରିବେ। ଏଥିଲାଗି ତହସିଲଦାର ଓ ଅତିରିକ୍ତ ତହସିଲଦାରମାନେ ସ୍ୱତନ୍ତ୍ର କ୍ୟାମ୍ପକୋର୍ଟ ଜରିଆରେ ସତ୍ତ୍ୱ ଅଧିକାରକୁ ନେଇ ଥିବା ବିବାଦର ଅନ୍ତ କରି ପ୍ରକୃତ ହିତାଧିକାରୀଙ୍କୁ ହସ୍ତାନ୍ତରଣ ଦିଗରେ ପଦକ୍ଷେପ ଦେବେ ବୋଲି କୁହାଯାଇଛି। ଏପରିକି ରାଜସ୍ୱ ରଥ ଜରିଆରେ ଲୋକଙ୍କୁ ସଚେତନ କରି ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଏବଂ ଜରୁରୀକାଳୀନ ଭିତ୍ତିରେ ଏ ସମସ୍ତ ବିବାଦର ସମାଧାନ ଦିଗରେ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଓ ଉପ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେବାକୁ ଚିଠିରେ ଉଲ୍ଲେଖ ରହିଛି।

### ନକ୍ସଲ ଆକ୍ରମଣରେ କ୍ଷତିପୂରଣ ରାଶି ବୃଦ୍ଧି

# ଶହୀଦଙ୍କ ପରିବାରକୁ ମିଳିବ ୪୦ ଲକ୍ଷ

**ଭୁବନେଶ୍ୱର :** ରାଜ୍ୟ ସରକାର ନକ୍ସଲ ଆକ୍ରମଣରେ ପ୍ରାଣ ହରାଉଥିବା ସାଧାରଣ ଲୋକ ଓ ସୁରକ୍ଷାକର୍ମୀଙ୍କ ପରିବାର ପାଇଁ ଅନୁକମ୍ପାମୂଳକ ସହାୟତା ରାଶି ପରିମାଣକୁ ବୃଦ୍ଧି କରିଛନ୍ତି। ନକ୍ସଲଙ୍କ ଆକ୍ରମଣରେ ପ୍ରାଣ ହରାଉଥିବା ସୁରକ୍ଷାକର୍ମୀଙ୍କ ପରିବାରକୁ ୨୦ଲକ୍ଷ ପରିବର୍ତ୍ତେ ୪୦ଲକ୍ଷ ଟଙ୍କା ଓ ସାଧାରଣ ଲୋକଙ୍କ ପରିବାରକୁ ୨ଲକ୍ଷ ପରିବର୍ତ୍ତେ ୫ଲକ୍ଷ ଟଙ୍କା ସହାୟତା ମିଳିବ। ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆତଙ୍କବାଦୀ ନିରୋଧ ଅପରେସନ୍ ଜାରି ରଖିବା ପାଇଁ ୮୫.୮୫କୋଟି ଟଙ୍କା ବାର୍ଷିକ ଓ୍ୱାର୍କ ପ୍ଲାନକୁ ଅନୁମୋଦନ କରିଛନ୍ତି। ୨୦୨୧-୨୨ରେ ଏହି ବଜେଟ୍ ପରିମାଣର ୫୦.୫୬କୋଟି ଟଙ୍କା ଥିବାବେଳେ ୨୦୨୨-୨୩ ଆର୍ଥିକ ବର୍ଷରେ ଏହାର ପରିମାଣ ୮୫.୮୫କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏଥିରେ କେନ୍ଦ୍ର ସରକାରଙ୍କ ୬୦ ପ୍ରତିଶତ ଓ ରାଜ୍ୟ ସରକାରଙ୍କ ୪୦ ପ୍ରତିଶତ ଅର୍ଥରାଶି ରହିଛି। ବଜେଟ ପରିମାଣ ବୃଦ୍ଧି ସହ ନକ୍ସଲଙ୍କ ଆକ୍ରମଣରେ ପ୍ରାଣ ହରାଉଥିବା ସାଧାରଣ ଲୋକ ଓ ସୁରକ୍ଷାକର୍ମୀଙ୍କ ପରିବାର ପାଇଁ ଦିଆଯାଉଥିବା ଅନୁକମ୍ପାମୂଳକ ସହାୟତା ରାଶି ପରିମାଣକୁ ମଧ ବୃଦ୍ଧି କରାଯାଇଛି। ବୈଠକରେ ମୁଖ୍ୟ ସଚିବ ଶ୍ରୀ ମହାପାତ୍ର ନକ୍ସଲମୁକାବିଲାରେ ନିୟୋଜିତ ସଶସ୍ତ୍ର ଯବାନମାନଙ୍କୁ ଆବଶ୍ୟକ ସୁରକ୍ଷା ଉପକରଣ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉନ୍ନତଧରଣର ଅସ୍ତ୍ରଶସ୍ତ୍ର, ପ୍ରଶିକ୍ଷଣ ଆଦି ସହ ଆତ୍ମସମର୍ପଣ କରୁଥିବା ନକ୍ସଲଙ୍କୁ ଥଇଥାନ କରିବା ଉପରେ ଗୁରୁତ୍ୱ ଦେବାକୁ ସେ କହିଛନ୍ତି। ରାଜ୍ୟରେ ନକ୍ସଲ କାର୍ଯ୍ୟକଳାପ ଏବେ ନିୟନ୍ତ୍ରଣାଧୀନ ରହିଛି। କୋରାପୁଟର ସ୍ୱାଭିମାନ ଅଂଚଳ ଏବେ ନକ୍ସଲଙ୍କ କବଜାରୁ ମୁକ୍ତ ହୋଇ ସେଠାରେ ବିକାଶମୂଳକ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି ବୋଲି ବୈଠକରେ ସୂଚନା ଦିଆଯାଇଛି। ଏହି ବୈଠକରେ ପୁଲିସ ଡିଜି ସୁନୀଲ କୁମାର ବଂଶଲ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସଞ୍ଜିବ ଚୋପ୍ରା, ଆଇଜି ଅପରେସନ୍ ଅମିତାଭ ଠାକୁର, ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ସନ୍ତୋଷ ବାଲା ପ୍ରମୁଖ ଯୋଗ ଦେଇଥିଲେ।

# ସ୍ଥାନଭିତ୍ତିକ ଗବେଷଣା ସଂକଳନ ଉନ୍ମୋଚନ

**ଭୁବନେଶ୍ୱର :** ଫଳାଫଳ ଭିତ୍ତିକ ଉନ୍ନୟନମୂଳକ ପରିଚାଳନା ଦିଗରେ ଅନ୍ୟ ଏକ ପଦକ୍ଷେପ ସ୍ୱରୂପ ରାଜ୍ୟ ସରକାର ସ୍ଥାନ ଭିତ୍ତିକ ଅଧ୍ୟୟନ କାର୍ଯ୍ୟ ଆରମ୍ଭ କରିଛନ୍ତି। ଆଦର୍ଶ ବିଦ୍ୟାଳୟର କାର୍ଯ୍ୟକାରିତା, ମହିଳା ବୁଣାକାରଙ୍କ ରୋଜଗାର ଉପରେ କୋଭିଡ-୧୯ର ପ୍ରଭାବ, ସିକଲ୍ ସେଲ୍ର ପ୍ରଥମାବସ୍ଥାରୁ ନିର୍ଣ୍ଣୟ ଓ ଚିକିତ୍ସା, ଉପକୂଳ ଅଞ୍ଚଳରେ ମତ୍ସ୍ୟଜୀବୀ ସମୁଦାୟ, ମାନସିକ ଅନଗ୍ରସର ପିଲାଙ୍କର ଯତ୍ନ ଓ ଶିକ୍ଷା, ସ୍ୱାଧାର ଗୃହର କାର୍ଯ୍ୟକାରିତା, କିଶୋରୀମାନଙ୍କ ମଧ୍ୟରେ ରକ୍ତହୀନତା, ଧାନ ସଂଗ୍ରହ, ଅପପୁଷ୍ଟିର ସମାଧାନ, ବନ୍ୟଜନ୍ତୁ ଶିକାର ନିରାକରଣ, ଜନସମୁଦାୟ ସ୍ତରରେ ନୂତନ ଜୀବିକା ନିର୍ବାହ ପନ୍ଥା ଆଦି ପ୍ରମୁଖ ବିଷୟରେ ହୋଇଥିବା ଗବେଷଣା ସଂକଳନକୁ ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଉନ୍ମୋଚନ କରିଛନ୍ତି। ଏନେଇ ଲୋକସେବା ଭବନ ସଭାଗୃହରେ ଆୟୋଜିତ ବୈଠକରେ ଗୋପବନ୍ଧୁ ଏକାଡେମିର ମହାନିର୍ଦ୍ଦେଶକ ରଞ୍ଜନା ଚୋପ୍ରା, ୟୁନିସେଫ୍ର ରାଜ୍ୟ ମୁଖ୍ୟ ମୋନିକା ନିଲେସନ୍, ଉତ୍କର୍ଷ କେନ୍ଦ୍ରର ନିର୍ଦ୍ଦେଶକ ଶଶାଙ୍କ ଗ୍ରହାଚାର୍ଯ୍ୟ, କେନ୍ଦ୍ରର ଗବେଷକ ସୌମ୍ୟ ବାନାର୍ଜୀ,




ରଶ୍ମିତା ବେହେରା, ଅମର୍ତ୍ୟ କ୍ରିଷ୍ଣା ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଂକଳନକୁ ଉନ୍ମୋଚନ କରି ମୁଖ୍ୟ ସଚିବ ଶ୍ରୀ ମହାପାତ୍ର କହିଥିଲେ ଯେ, ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏ ପ୍ରକାରର ଅଧ୍ୟୟନ ହେବା ଦରକାର। ଏସବୁ ଅଧ୍ୟୟନ ମାଧ୍ୟମରେ ଜନସମୁଦାୟଙ୍କର ଆବଶ୍ୟକତା, ଆକାଂକ୍ଷା ଏବଂ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ଥିବା କ୍ଷେତ୍ରସ୍ତରୀୟ ଗୁରୁତ୍ୱପୂର୍ଣ୍ଣ-ଶୂନ୍ୟତା ଆଦି ଜାଣିହେବ। ଅଧ୍ୟୟନର ଫଳାଫଳ ଅଧିକାରୀଙ୍କ ତାଲିମ୍ ନିମନ୍ତେ ଅତି ଉପାଦେୟ ହେବ ଏବଂ ଅନ୍ୟତ୍ର ପ୍ରୟୋଗ ନିମନ୍ତେ ବିଭିନ୍ନ ପ୍ରକଳ୍ପ ନମୁନା ପ୍ରସ୍ତୁତିରେ ସହାୟକ ହେବ। ଅଧ୍ୟୟନରୁ ପ୍ରାପ୍ତ ତଥ୍ୟ ଓ ଉପସଂହାର ବିଷୟରେ ସଂପୃକ୍ତ ବିଭାଗ ସହ ଆଲୋଚନାତ୍ମକ ଅନୁଶୀଳନ କରିବା ପାଇଁ ମୁଖ୍ୟ ସଚିବ ଗୋପବନ୍ଧୁ ଏକାଡେମୀ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ।

# ବିଜେଡି ଜିଲ୍ଲା ପର୍ଯ୍ୟବେକ୍ଷକ ତାଲିକା ଜାରି

**ଭୁବନେଶ୍ୱର :** ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡି ସାନି ଜିଲ୍ଲା ପର୍ଯ୍ୟବେକ୍ଷକ ତାଲିକା ଜାରି କରିଛି। ୨୦୨୧ ଜୁନ୍ ୨୬ ଜାରି ପର୍ଯ୍ୟବେକ୍ଷକ ତାଲିକାକୁ ରଦ୍ଦ କରି ୩୦ଟି ଜିଲ୍ଲା ପାଇଁ ୨୫ଜଣ ନେତାଙ୍କୁ ପର୍ଯ୍ୟବେକ୍ଷକ ଭାବେ ଦଳ ଦାୟିତ୍ୱ ଦେଇଛି। ତେବେ ବିବାଦରେ ଥିବା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସମେତ ମନ୍ତ୍ରୀ ତୁଷାରକାନ୍ତି ବେହେରା, ବରିଷ୍ଠ ନେତା ଦେବାଶିଷ ସାମନ୍ତରାୟ, କଟକ ମେୟର ସୁବାସ ସିଂ ଓ ଚନ୍ଦ୍ରସାରଥୀ ବେହେରାଙ୍କୁ ପର୍ଯ୍ୟବେକ୍ଷକ ତାଲିକାରୁ ହଟାଇ ଦିଆଯାଇଛି। ପୂର୍ବତନ ମନ୍ତ୍ରୀ ତଥା ଦଳର ସାଧାରଣ ସମ୍ପାଦକ ଅରୁଣ ସାହୁଙ୍କୁ ଜଗତସିଂହପୁର ଜିଲ୍ଲା ପର୍ଯ୍ୟବେକ୍ଷକ ଓ ଶାରଦା ନାୟକଙ୍କୁ ଝାରସୁଗୁଡ଼ା ଜିଲ୍ଲା ପର୍ଯ୍ୟବେକ୍ଷକ ଭାବେ ସାମିଲ କରାଯାଇଥିବାବେଳେ ବରିଷ୍ଠ ନେତା ସଞ୍ଜୟ ଦାସବର୍ମାଙ୍କୁ ଚଳିତଥର ବି ଜିଲ୍ଲା ପର୍ଯ୍ୟବେକ୍ଷକ ତାଲିକାରେ ସ୍ଥାନ ମିଳିନଥିବା ଜଣାପଡ଼ିଛି। ବିଜେଡି ପକ୍ଷରୁ ଜାରି ପର୍ଯ୍ୟବେକ୍ଷକ ତାଲିକା ଅନୁସାରେ ପ୍ରଶାନ୍ତ କୁମାର ମୁଦୁଲି-ଅନୁଗୁଳ, ପ୍ରତାପ ଦେବ- ବାଲେଶ୍ୱର, ସୁଧୀର ସାମଲ-




ବରଗଡ଼, ପ୍ରଣବ ବଳବନ୍ତରାୟ-ଭଦ୍ରକ, ସୁଶାନ୍ତ ସିଂ- ବଲାଙ୍ଗିର ଓ ଦେବଗଡ଼, ଉଷା ଦେବୀ- କଟକ, ପ୍ରମିଳା ମଲ୍ଲିକ- ଢେଙ୍କାନାଳ ଓ ଖୋର୍ଦ୍ଧା, ଅତନୁ ସବ୍ୟସାଚୀ ନାୟକ- ଗଜପତି ଓ ରାୟଗଡ଼ା, ଅରୁଣ ସାହୁ- ଜଗତସିଂହପୁର, ବିଜୟ ନାୟକ- କନ୍ଧମାଳ, ପ୍ରଫୁଲ୍ଲ ମଲ୍ଲିକ- କେନ୍ଦ୍ରାପଡ଼ା, ପ୍ରଣବ ପ୍ରକାଶ ଦାସ- କେନ୍ଦୁଝର ଓ ମୟୂରଭଞ୍ଜ, ଦିବ୍ୟଶଙ୍କର ମିଶ୍ର- କୋରାପୁଟ ଓ ମାଲକାନଗିରି, ଈଶ୍ୱର ପାଣିଗ୍ରାହୀ -ନବରଙ୍ଗପୁର, ପଦ୍ମନାଭ ବେହେରା- ନୟାଗଡ଼, ଟୁକୁନି ସାହୁ- ନୂଆପଡ଼ା, ରଣେନ୍ଦ୍ର ପ୍ରତାପ ସ୍ୱାଇଁ-ପୁରୀ, ନଳିନୀକାନ୍ତ ପ୍ରଧାନ- ସମ୍ବଲପୁର, ପ୍ରୀତିରଞ୍ଜନ ଘଡ଼େଇ-ସୁନ୍ଦରଗଡ଼, ନବକିଶୋର ଦାସ-କଳାହାଣ୍ଡି, ପ୍ରଦୀପ କୁମାର ଅମାତ୍- ଗଞ୍ଜାମ, ସୌଭାଗ୍ୟ ନାୟକ- ବୌଦ୍ଧ, ଅଶୋକ ଚନ୍ଦ୍ର ପଣ୍ଡା- ଯାଜପୁର, ଶାରଦା ନାୟକ- ଝାରସୁଗୁଡ଼ା ଓ ରୋହିତ ପୂଜାରୀ- ସୋନପୁର ଜିଲ୍ଲା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ମିଳିଛି। ତେବେ ଗତବର୍ଷରେ ଜିଲ୍ଲା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ପାଇଥିବା ଅଧିକାଂଶ ନେତାଙ୍କୁ ସେମାନଙ୍କର ପୁରୁଣା ଜିଲ୍ଲା ଦିଆଯାଇଛି। ବିଜୟ ନାୟକଙ୍କୁ ଢେଙ୍କାନାଳ ଭଳି ବଡ଼ ଜିଲ୍ଲାରୁ କାଢ଼ି କନ୍ଧମାଳ ଜିଲ୍ଲା ଦାୟିତ୍ୱ ନ୍ୟସ୍ତ ହୋଇଛି। ସେହିପରି ମନ୍ତ୍ରୀ ଟୁକୁନି ସାହୁଙ୍କୁ ନୂଆପଡ଼ା ଓ ରୋହିତ ପୂଜାରୀଙ୍କୁ ସୋନପୁର ଜିଲ୍ଲା ପର୍ଯ୍ୟବେକ୍ଷକ ଭାବେ ନୂଆ କରି ଦାୟିତ୍ୱ ଦିଆଯାଇଛି। ତେବେ ଚନ୍ଦ୍ରସାରଥୀ- କୋରାପୁଟ ଓ ମାଲକାନଗିରି ଜିଲ୍ଲା, ଦେବାଶୀଷ- କେନ୍ଦ୍ରାପଡ଼ା, ସୁବାସ ସିଂ- ଝାରସୁଗୁଡ଼ା, ସମୀର ଦାଶ-ଜଗତସିଂହପୁର ଓ ତୁଷାରକାନ୍ତି ବେହେରାଙ୍କୁ- ନବରଙ୍ଗପୁର ଜିଲ୍ଲା ପର୍ଯ୍ୟବେକ୍ଷକ ତାଲିକାରୁ ସମ୍ପୂର୍ଣ୍ଣ ବାଦ୍ ଦିଆଯାଇଛି। ଜିଲ୍ଲା ପରିଷଦ ସଦସ୍ୟ ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ଘଟଣାକୁ ନେଇ ମନ୍ତ୍ରୀ ଶ୍ରୀ ଦାଶ ବିବାଦରେ ଥିବାରୁ ତାଙ୍କୁ ପର୍ଯ୍ୟବେକ୍ଷକ ଦାୟିତ୍ୱରୁ ବାଦ୍ ଦିଆଯାଇଥିବା ଚର୍ଚ୍ଚା ହେଉଛି।

## ସ୍ଥାୟୀ ନିଯୁକ୍ତି ପାଇବେ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ପୁରୁଷ, ମହିଳା



**ଭୁବନେଶ୍ୱର :** ରାଜ୍ୟର ବିଭିନ୍ନ ସ୍ୱାସ୍ଥ୍ୟାନୁଷ୍ଠାନରେ ନିୟୋଜିତ ହୋଇଥିବା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ପୁରୁଷ, ମହିଳାଙ୍କୁ ସ୍ଥାୟୀ ନିଯୁକ୍ତି ମିଳିବ। ଯେଉଁମାନେ ନିଯୁକ୍ତିର ୬ବର୍ଷ ପୂରଣ କରିଥିବେ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ଲାଗି ବିଭିନ୍ନ ଜିଲ୍ଲାର ସିଡିଏମ୍‌ଓମାନଙ୍କୁ ଚିଠି ଜାରି ହୋଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ, କଟକ, ସୁନ୍ଦରଗଡ଼, ବଲାଙ୍ଗୀର, ଢେଙ୍କାନାଳ, ବରଗଡ଼, ଅନୁଗୁଳ, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ଭଦ୍ରକ, ଖୋର୍ଦ୍ଧା ଓ ବୌଦ୍ଧ ଜିଲ୍ଲାର ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ(ପୁରୁଷ), ଝାରସୁଗୁଡ଼ା, ନୂଆପଡ଼ା, ସୁନ୍ଦରଗଡ଼, ଖୋର୍ଦ୍ଧା, କୋରାପୁଟ, ଭଦ୍ରକ, ଗଞ୍ଜାମ, ବରଗଡ଼, ଅନୁଗୁଳ, ସମ୍ବଲପୁର ଓ କଟକ ଜିଲ୍ଲାରେ ଥିବା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ(ମହିଳା)ଙ୍କୁ ସ୍ଥାୟୀ ନିଯୁକ୍ତି ନେଇ ନିଷ୍ପତ୍ତି ହୋଇଛି। ତେଣୁ ସେମାନଙ୍କର କାର୍ଯ୍ୟରେ ଯୋଗଦେବାର ତାରିଖ, ଏଏନ୍‌ଏମ୍ ପଞ୍ଜୀକରଣ ସାର୍ଟିଫିକେଟ୍ ଓ ଭିଜିଲାନ୍ସ ମାମଲା ଆଦିର ଯାଞ୍ଚ ପାଇଁ କୁହାଯାଇଛି। ଯାଞ୍ଚ ପରେ ସାଧାରଣ ପ୍ରଶାସନ ବିଭାଗର ସର୍ତ୍ତାବଳୀ ଅନୁଯାୟୀ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବାକୁ କୁହାଯାଇଛି।

## ବିଡିଏ ଉପାଧ୍ୟକ୍ଷ ହେଲେ ବଲଓ୍ୱନ୍ତ ସିଂହ




**ଭୁବନେଶ୍ୱର :** ରାଜ୍ୟ ସରକାର ଆଇଏଏସ୍ ଅଧିକାରୀ ସ୍ତରରେ ଛୋଟ ଧରଣର ଅଦଳ ବଦଳ କରିଛନ୍ତି। ଓଡ଼ିଶା ଖଣି ନିଗମର ପରିଚାଳନା ନିର୍ଦ୍ଦେଶକ ବଲଓ୍ୱନ୍ତ ସିଂହଙ୍କୁ ବିଡିଏର ଉପାଧ୍ୟକ୍ଷ ଏବଂ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଶ୍ରୀ ସିଂହ ପୂର୍ବଭଳି ଇଡ୍‌କଲ୍ ଓ ଓଏମ୍‌ଇସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱରେ ରହିବେ। ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରମୁଖସଚିବ ସଂଜୟ କୁମାର ସିଂହ ପୂର୍ବରୁ ବିଡିଏ ଓ ବିଏସ୍‌ସିଏଲ୍‌ର ଉପରୋକ୍ତ ପଦବିରେ ଅତିରିକ୍ତ ଦାୟିତ୍ୱରେ ଥିଲେ। ସେହିପରି ପୁରୁଷ ହକି ବିଶ୍ୱକପ୍‌କୁ ନଜରରେ ରଖି ରାଜ୍ୟ ସରକାର ଇପିକଲ୍‌ର ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂହ ପୁନିଆଙ୍କୁ ରାଉରକେଲାରେ ହେବାକୁ ଥିବା ହକି ବିଶ୍ୱକପ୍ ପାଇଁ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗର ଓଏସ୍‌ଡି ଭାବେ ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି। ବୈଷୟିକ ଶିକ୍ଷା ଏବଂ ତାଲିମ୍ ବିଭାଗ ନିର୍ଦ୍ଦେଶକ ରେଘୁ ଜିଙ୍କୁ ଭୁବନେଶ୍ୱରରେ ହେବାକୁ ଥିବା ହକି ବିଶ୍ୱକପ୍ ମ୍ୟାଚ୍ ପାଇଁ ଓଏସ୍‌ଡି ଦାୟିତ୍ୱ ଦିଆଯାଇଛି।


### ଜେଏସଡବ୍ଲ୍ୟୁ ଉତ୍କଳକୁ ଅନୁମତି

# ଅଣ ମୌସୁମୀରେ ଶୁଖିଲା ମହାନଦୀରୁ ନେଇଯିବ ସବୁ ଜଳ

**ଭୁବନେଶ୍ୱର :** ଓଡ଼ିଶାବାସୀଙ୍କ ଲାଇଫଲାଇନ୍ ଭାବେ ମହାନଦୀ ଅଣମୌସୁମୀ ଋତୁରେ ଶୁଖିଲା ପଡୁଥିବାବେଳେ ଯେତିକି ବି ଜଳପ୍ରବାହ ରହୁଛି ତାକୁ ଶୁଖିଲା କରିବାକୁ ଷଡ଼ଯନ୍ତ୍ର ଆରମ୍ଭ ହୋଇଛି। ଅଣମୌସୁମୀ ସମୟରେ ମହାନଦୀ ଓ ତା'ର ଶାଖା ନଦୀ ପାଇକାରୁ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲକୁ ସେକେଣ୍ଡ ପିଛା ୯୯.୮ କ୍ୟୁବିକ୍ ଫୁଟ୍ ପାଣି ଦେବା ନିମନ୍ତେ ରାଜ୍ୟ ସରକାର ଅନୁମତି ଦେଇଛନ୍ତି। ଅକ୍ଟୋବର ୧ ତାରିଖରେ ରାଜ୍ୟ ଜଳସମ୍ପଦ ବିଭାଗ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲକୁ ପାରାଦୀପର ଢ଼ିଙ୍କିଆଠାରେ ତା'ର ମେଗା ଇସ୍ପାତ ପ୍ରକଳ୍ପ ନିମନ୍ତେ ୩ବର୍ଷ ପାଇଁ ୯୯.୮ କ୍ୟୁସେକ୍ ଜଳ ଆବଣ୍ଟନ ନିମନ୍ତେ ଅନୁମତି ଦେଇଛନ୍ତି। ଯେଉଁ ଦିନଠୁ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ ସେହିଦିନଠୁ ଉକ୍ତ ଶିଳ୍ପ ସଂସ୍ଥାକୁ ସେହି ପରିମାଣର ଜଳ ଯୋଗାଇ ଦିଆଯିବ। ତେବେ ଆଶ୍ଚର୍ଯ୍ୟର କଥା ସରକାର ନାବାର୍ଡ ସହାୟତାରେ ଜଗତସିଂହପୁର ଜିଲ୍ଲାର ଚୌଧୁରୀଗଡ଼ାଠାରେ ମହାନଦୀରେ ଓ କେନ୍ଦ୍ରାପଡ଼ାର ଟିକିରିଠାରେ ପାଇକା ନଦୀରେ ଇନଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍‌ଚର ନିର୍ମାଣ କରି ଶିଳ୍ପ ପାଇଁ ମୋଟ ୧୦୦କ୍ୟୁସେକ୍ ଜଳ ସଂରକ୍ଷିତ ରଖିବାକୁ ନିଷ୍ପତ୍ତି ନେଇଥିବାବେଳେ ସେଥିରୁ ପ୍ରାୟତଃ ସମସ୍ତ ଜଳ(୯୯.୮କ୍ୟୁସେକ୍ ଜଳ) କେବଳ ଜେଏସଡବ୍ଲ୍ୟୁ ଉତ୍କଳକୁ ମିଳିବ। ଯଦିଓ ପାରାଦୀପରେ ୧୦ରୁ ଉର୍ଦ୍ଧ୍ୱ ବୃହତ୍ ଶିଳ୍ପ ଏବେବି ନିଜର ଜଳ ଆବଶ୍ୟକତା ପୂରଣ ନିମନ୍ତେ ସରକାରଙ୍କ ଉପରେ ନିର୍ଭରଶୀଳ ଅଛନ୍ତି। ମିଳିଥିବା ସୂଚନା ଅନୁସାରେ, ଜଳ ସଂରକ୍ଷଣ କରି ରଖିବାରେ ନିଜର ଅପାରଗତା ଓ ଛତିଶଗଡ଼ ସରକାର ଦ୍ୱାରା ଉପରମୁଣ୍ଡରେ ଅଧିକ ସଂଖ୍ୟକ ବ୍ୟାରେଜ୍ ନିର୍ମାଣ ଯୋଗୁ ଓଡ଼ିଶାବାସୀଙ୍କ ଲାଇଫଲାଇନ୍ ମହାନଦୀ ଗତ ଦେଢ଼ଦଶନ୍ଧି ଧରି କ୍ରମାଗତ ଭାବେ ଅଣମୌସୁମୀ ଋତୁରେ ଶୁଖିଲା ପଡୁଛି। ବିଳମ୍ବରେ ରାଜ୍ୟ ସରକାରଙ୍କ ନିଦ ଭାଙ୍ଗିଲା ତଥା ନାବାର୍ଡ ସହାୟତାରେ ୧୧୭୦୦କୋଟି ଟଙ୍କା ବ୍ୟୟରେ ମହାନଦୀ ଓ ତା'ର ଶାଖା ନଦୀଗୁଡ଼ିକରେ ମୋଟ ୪୬ଟି ଇନଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚର ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିରୁ ଦୁଇଟି ଷ୍ଟୋରେଜ୍ ଜଗତସିଂହପୁର ଜିଲ୍ଲାର ଚୌଧୁରୀଗଡ଼ାଠାରେ ଓ କେନ୍ଦ୍ରାପଡ଼ାର ପାଇକା ନଦୀରେ ଟିକିରିଠାରେ ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଦୁଇଟି ଷ୍ଟୋରେଜର ମୋଟ କ୍ଷମତା ପ୍ରାୟ ୫୧.୦୩ ମିଲିୟନ କ୍ୟୁବିକ୍ ମିଟର ରଖିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ଏହି ଦୁଇ ଷ୍ଟୋରେଜରୁ ଶିଳ୍ପସଂସ୍ଥାକୁ ୧୦୦କ୍ୟୁସେକ୍ ଜଳ ଦେବାକୁ ଡିପିଆର ପ୍ରସ୍ତୁତ ହୋଇଥିବାବେଳେ ଅଣମୌସୁମୀ



ସମୟରେ ଏହି ଷ୍ଟୋରେଜରେ ୮୦ କ୍ୟୁସେକ୍ ଜଳ ପ୍ରବାହ ହେବ ବୋଲି ସରକାରଙ୍କ ପକ୍ଷରୁ ଦର୍ଶାଯାଇଛି। ୨୦୨୪ ଜାନୁୟାରୀ ସୁଦ୍ଧା ଏହି ଦୁଇ ଷ୍ଟୋରେଜ୍ ଷ୍ଟ୍ରକଚର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ମାତ୍ର ଏହା ପୂର୍ବରୁ ଗତ ୪ଦିନ ପୂର୍ବରୁ ରାଜ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲକୁ ତା'ର ଢିଙ୍କିଆ ପ୍ରକଳ୍ପ ନିମନ୍ତେ ଉକ୍ତ ଦୁଇ ଷ୍ଟୋରେଜର ଶିଳ୍ପ ପାଇଁ ଉଦ୍ଦିଷ୍ଟ ସମସ୍ତ ଜଳକୁ ଅଣମୌସୁମୀ ସମୟରେ ଦେବାକୁ ଲିଖିତ ଅନୁମତି ଦେଇଛନ୍ତି। ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଯେବେ ତା'ର ଢିଙ୍କିଆ ପ୍ରକଳ୍ପ ପାଇଁ କାର୍ଯ୍ୟ ଆରମ୍ଭ କରିବ ସେବେଠୁ ସେ ଏହି ଜଳ ଉପଯୋଗ କରିପାରିବ ବୋଲି ଜଳସମ୍ପଦ ବିଭାଗ ପକ୍ଷରୁ ଜାରି ଅନୁମତି ପତ୍ରରେ ଉଲ୍ଲେଖ ରହିଛି। ତେବେ ପ୍ରଶ୍ନ ଉଠୁଛି, ମହାନଦୀରେ ଅଣମୌସୁମୀ ଋତୁରେ ଜଳପ୍ରବାହ ହ୍ରାସ ପାଉଥିବାବେଳେ ଇନଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍‌ଚର ନିର୍ମାଣ କରି ରାଜ୍ୟ ସରକାର ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ପାନୀୟ ଜଳ ଯୋଗାଣ ସହ ଚାଷ ପାଇଁ ଜଳସେଚନ ସୁବିଧାକୁ ପ୍ରାଥମିକତା ଦେବା ପରିବର୍ତ୍ତେ ଶିଳ୍ପ ପାଇଁ ଏହି ଷ୍ଟୋରେଜ୍ ପ୍ରକଳ୍ପରୁ ୧୦୦କ୍ୟୁସେକ୍ ଜଳ ସଂରକ୍ଷିତ ରଖି ସେସବୁକୁ କେବଳ ଜେଏସଡବ୍ଲ୍ୟୁକୁ ଦେବା ପରୋକ୍ଷରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ସନ୍ଦେହଘେରକୁ ଟାଣି ଦେଉଛି। ଜେଏସଡବ୍ଲ୍ୟୁ ଭଳି ଆନ୍ତର୍ଜାତିକ ଶିଳ୍ପ ସଂସ୍ଥା ଚାହିଁଲେ ଉନ୍ନତ ଜ୍ଞାନକୌଶଳ ଉପଯୋଗ କରି ସମୁଦ୍ର ଜଳକୁ ପ୍ୟୁରିଫାଏ କରି ନିଜ କାର୍ଯ୍ୟରେ ଉପଯୋଗ କରିପାରନ୍ତା। ଆଉ ମହାନଦୀ ଓ ତା'ର ଶାଖା ନଦୀରେ ତଳମୁଣ୍ଡ ନିର୍ମାଣ ହେଉଥିବା ଇନଷ୍ଟ୍ରିମ୍ ଷ୍ଟୋରେଜ ଷ୍ଟ୍ରକଚରରୁ ଜଳ ସାଧାରଣ ଲୋକଙ୍କ ଆବଶ୍ୟକତା ଓ ଚାଷ କାର୍ଯ୍ୟରେ ସମ୍ପୂର୍ଣ୍ଣ ଭାବେ ଉପଯୋଗ ହୋଇପାରନ୍ତା। ଆଉ ଏହି ଦୁଇ ଷ୍ଟ୍ରକଚରରୁ ୧୦୦କ୍ୟୁସେକ୍ ଜଳକୁ କେବଳ ଜେଏସଡବ୍ଲ୍ୟୁକୁ ନଦେଇ ମଧ ସରକାର ଅନ୍ୟ ଶିଳ୍ପ ସଂସ୍ଥାଗୁଡ଼ିକ ମଧ୍ୟରେ ବି ଭାଗଭାଗ କରିପାରନ୍ତେ। ମାତ୍ର ରାଜ୍ୟ ସରକାର ଏସବୁ ପ୍ରତି ଆଖିବୁଜି ଦେଇଛନ୍ତି। ସୂଚନାଯୋଗ୍ୟ, ମହାନଦୀରେ ଜଳପ୍ରବାହ ଅଣମୌସୁମୀ ଋତୁରେ ୨୦୧୬-୧୭ରେ ୬୫%, ୨୦୧୭-୧୮ରେ ୬୧%, ୨୦୧୮-୧୯ରେ ୫୭% ଓ ୨୦୧୯-୨୦ରେ ୩୦% ହ୍ରାସ ପାଇଛି। ରାଜ୍ୟର ମୋଟ ୩୦ଟି ଜିଲ୍ଲା ମଧ୍ୟରୁ ୨୦ଟି ଜିଲ୍ଲାର ଲୋକେ ମହାନଦୀ ଉପରେ ନିର୍ଭରଶୀଳ।



ସୁଖ ପାଖରେ ଜ୍ଞାନ ନଥାଏ । ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୦ - ୧୬ ଅକ୍ଟୋବର, ୨୦୨୨

# ପୋଡିଗଲା କି ରାବଣ ପ୍ରକୃତି !

ସମାଜରେ ଦିନକୁଦିନ ଶିକ୍ଷିତଙ୍କ ସଂଖ୍ୟା ବଢିଚାଲିଛି । ଶିକ୍ଷା ବ୍ୟବସ୍ଥାରେ ଘୋର ପରିବର୍ତ୍ତନ ଆସି ଅଧିକରୁ ଅଧିକ ଛାତ୍ର ଛାତ୍ରୀ ଗବେଷଣା ଉପରେ ଗୁରୁତ୍ୱ ପ୍ରଦାନ କରୁଛନ୍ତି । ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆସିଛି । ପୂର୍ବାପେକ୍ଷା ଲୋକମାନେ ଖାଦ୍ୟ, ପୋଷାକ ଉପରେ ଅଧିକ ଧ୍ୟାନ ଦେଉଛନ୍ତି । ଦେଶୀ ଖାଦ୍ୟ ଅପେକ୍ଷା ବିଦେଶୀ ଖାଦ୍ୟକୁ ଆଦର କରୁଛନ୍ତି । ଅଧିକରୁ ଅଧିକ ଧର୍ମାନୁଷ୍ଠାନ ନିର୍ମାଣ ଚାଲିଛି । ମନ୍ଦିର, ମସ୍‌ଜିଦ ଓ ଗୀର୍ଜାର ସଂଖ୍ୟା ବଢିଛି । ଇଂରାଜୀ ଭାଷାର ଆଦର ଯଥେଷ୍ଟ ବଢିଛି । ଆଗପରି ଲୋକ ଆଉ ନିରକ୍ଷର ନାହାନ୍ତି କି ବ୍ୟକ୍ତିଗତ ଚିଠି ଖଣ୍ଡେ ପଢିବାକୁ ଅନ୍ୟ ଉପରେ ନିର୍ଭରଶୀଳ ନାହାନ୍ତି । ସୁଦୃଶ୍ୟ ଘର,ଦାମୀ ଗାଡି ଏବଂ ଘରେ ଘରେ ବ୍ୟାପକ ମୋବାଇଲ ଫୋନ ବ୍ୟବହାର ବଢିଛି । ଆଗପରି ଡାକବାଲାକୁ କେହି ଅପେକ୍ଷା କରୁନାହାନ୍ତି । ସମୟକ୍ରମେ ସବୁ ଯେମିତି ବାଦଲି ଯାଇଛି । ଲୋକଙ୍କ ଭିତରେ ଏକ ପ୍ରକାର ପ୍ରତିଦ୍ୱନ୍ଦିତା ମୂଳକ ମନୋଭାବ ଜାଗରଣ ହୋଇଯାଇଛି । କୌଣସି ମହତ କାର୍ଯ୍ୟ ଅବା ପରୀକ୍ଷାରେ ସଫଳତା ଲାଭ କରିବାକୁ ପ୍ରତିଦ୍ୱନ୍ଦିତା ମୂଳକ ମାନସିକତାର ଆବଶ୍ୟକତା ରହିଲେ ହୁଏତ ଭଲ, କିନ୍ତୁ ଯେତେବେଳେ ନିଜକୁ ସର୍ବ ଶକ୍ତିମାନ ପ୍ରଦର୍ଶନ କ୍ଷେତ୍ରରେ ଏହାର ପ୍ରୟୋଗ ହୁଏ ତାହା କ୍ଷତିକାରକ । କାରଣ ଜଣଙ୍କର କ୍ଷତି ଘଟାଇ ଆମେ ଯାହାକୁ ସଫଳତାର ଆଖ୍ୟା ଦେଉ ତାହା କେତେଦୂର ଠିକ ଥରେ ବିଚାର କରନ୍ତୁ । ଈଶ୍ୱରଙ୍କ ସୃଷ୍ଟିରେ ସମସ୍ତଙ୍କର ସମାନ ଭାବେ ବଞ୍ଚିବାର ଅଧିକାର ଥିଲା ବେଳେ ଯଦି ଏଥିରେ କେହି ଅନାବଶ୍ୟକ ଭାବେ ହସ୍ତକ୍ଷେପ କରେ କିମ୍ବା କାରଣ ନଥାଇ କୌଣସି ପ୍ରକାର ନିର୍ଯାତନା ଦିଏ, ତେବେ ଏହାକୁ କଣ କୁହାଯିବ । ସର୍ବାଦୌ ଚିନ୍ତାକଲେ ଏହା ଅନ୍ୟ ପ୍ରତି ନିର୍ଯାତନା ବା ଉତ୍ପୀଡ଼ନ ନିଶ୍ଚୟ । ଅନ୍ୟର ସ୍ୱାର୍ଥ ଉପରେ ନିଜର ଜୁଲୁମ ଦ୍ୱାରା ତାର କ୍ଷତି କରିବା ସମୀଚିନ ହୋଇନଥିଲା ବେଳେ ଆଜିକାଲି ଏହାର ପ୍ରଭାବ ବଢି ବଢି ଚାଲିଛି । ଅତ୍ୟନ୍ତ ସମ୍ବେଦନହୀନ ଏହି କାର୍ଯ୍ୟର ଧାରା ଜଣଙ୍କ ଠାରୁ ଆଉଜଣଙ୍କ ନିକଟକୁ ବ୍ୟାପି ଚାଲିବା ଦ୍ୱାରା ସମାଜରେ ଅନେକ ଲୋକ ଯନ୍ତ୍ରଣାର ଶିକାର ହେଉଛନ୍ତି । ଯାହାଫଳରେ ଅସଂଖ୍ୟ ଲୋକ ଏବେ ଏଭଳି ନିର୍ଯାତନା ଦେଉଥିବା ବ୍ୟକ୍ତିଙ୍କୁ ଭୟ କରୁଛନ୍ତି । ଯେଉଁ ମାନେ ସମାଜରେ ଭୟର ବାତାବରଣ ସୃଷ୍ଟି କରୁଛନ୍ତି, ସେମାନେ ସମସ୍ତେ ଜଣେ ଜଣେ ପ୍ରତିଷ୍ଠିତ ଭାବେ ନିଜକୁ ବିବେଚନା କରୁଛନ୍ତି । ତାଙ୍କରି ମଧ୍ୟରେ କେହି କେହି ନେତା, ମନ୍ତ୍ରୀ, ଯନ୍ତ୍ରୀ ଥିଲା ବେଳେ ଆଉ କେହି ବଡ଼ ବଡ଼ ବ୍ୟବସାୟୀ । ଏମାନଙ୍କ ସହଯୋଗରେ ସବୁଠି ଏକପ୍ରକାର ମାଫିଆ ରାଜ୍ ଚାଲିଛି । ଅନ୍ୟ ଏକ ପ୍ରଭାବୀ ଗୋଷ୍ଠୀ ମଧ୍ୟ ଏମାନଙ୍କ ଅନ୍ତର୍ଭୁକ୍ତ, ଯେଉଁମାନେ ସରକାରଙ୍କ ବଡ଼ ବଡ଼ ପଦବୀରେ ଅବସ୍ଥାପିତ ଏବଂ ପ୍ରଚୁର ଲାଞ୍ଚ ଖାଇବା ପାଇଁ ଏମାନଙ୍କ ନିକଟରେ ଯଥେଷ୍ଟ ସୁଯୋଗ ରହିଛି, ସେମାନେ ମଧ୍ୟ କଳା ଟଙ୍କାର ପ୍ରଭାବ ଦେଖାଇବାକୁ ନିରୀହ ଲୋକଙ୍କୁ ଶୋଷଣ କରିଚାଲିଛନ୍ତି । ଏମାନଙ୍କ ବିରୋଧରେ ସାଧାରଣ ନାଗରିକ ଅଭିଯୋଗ କରିବାକୁ ସାହସ ଜୁଟାଇପାରୁନାହାନ୍ତି । ଯଦି ବା କେତେବେଳେ କେମିତି ଏହି ଦୁର୍ନୀତି ଖୋରଙ୍କ ନାଁରେ ଅଭିଯୋଗ ହେଉଛି ସେମାନଙ୍କୁ ସୁରକ୍ଷା ଦେଉଛନ୍ତି ନେତା ଓ ମନ୍ତ୍ରୀ । ଯାହାଫଳରେ ସମାଜରେ ଦୁର୍ନୀତି ଓ ଭ୍ରଷ୍ଟାଚାର ବଢିଚାଲିଛି । ଯଦିଓ ସବୁଠି ଏହି ଭ୍ରଷ୍ଟାଚାର ବିରୋଧରେ ଆଲୋଚନା ହେଉଛି ତଥାପି ଜନତା ଏମାନଙ୍କ ବିରୋଧରେ ଯେଉଁଭଳି ସ୍ୱର ଉଠାଇବା କଥା ତାହା ହୋଇପାରୁନି । କାରଣ ସମାଜର ତଳ ସ୍ତରରେ ରହିଥିବା ଜନତାଙ୍କୁ କିଛି ମାଗଣା ଦେଇ ବା ଅଧିକ ମାଗଣା ଦେବାର ଭେଳିକି ଦେଖାଇ ରାଜନୈତିକ ଦଳ ମାନେ ଭୋଟ ହାତେଇ ଚାଲିଛନ୍ତି । କିନ୍ତୁ ପ୍ରସଙ୍ଗ ହେଉଛି, ଅଧିକ ଶିକ୍ଷିତ ବ୍ୟକ୍ତି ସ୍ୱଚ୍ଛ ହେବା ପରିବର୍ତ୍ତେ ଅଧିକ ଦୁର୍ନୀତିଗ୍ରସ୍ତ ହୋଇପଡୁଛନ୍ତି । କିନ୍ତୁ ଆଶା କରାଯାଉଥିଲା, ଲୋକ ଶିକ୍ଷିତ ହେଲେ ଦୁର୍ନୀତିକୁ ସହଜରେ ହଟାଇ ହେବ ଏବଂ ସମାଜରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ । ହେଲେ ସାମ୍ପ୍ରତିକ ପରିସ୍ଥିତିରେ ଏଭଳି ବିଲକ୍ଷଣ ଦେଖି ଯାହା ମନେହୁଏ,ସମାଜରେ କଣ ମୂର୍ଖଙ୍କ ଦ୍ୱାରା ଦୁର୍ନୀତି ହଟିବ ? କିଏ ତେବେ ଦେଶରୁ ଦୁର୍ନୀତିର ମୂଳ ଉତ୍ପାଟନ କରିବ ! ଏହା ଆଶା ଅପେକ୍ଷା ଅଧିକ ଆଶଙ୍କା ବଢ଼ାଉଛି । କାରଣ ଦେଶରେ ଭୋଟ ରାଜନୀତି ଏଭଳି ସ୍ତରକୁ ଗଲାଣି ଯେ, ଜଣେ ସଚ୍ଚୋଟ ବ୍ୟକ୍ତି କେବେହେଲେ ରାଜନୀତି କରିବା ସମ୍ଭବ ହେବନାହିଁ ।



ସମ୍ପାଦକୀୟ
ତାରକ ମହାନ୍ତି

କାରଣ ସାମ୍ପ୍ରତିକ ରାଜନୀତି ଏତେ ବ୍ୟୟ ବହୁଳ ହୋଇଗଲାଣି ଯେ,ଜଣେ ସଚ୍ଚୋଟ ଶିକ୍ଷିତ ଜ୍ଞାନୀ ବ୍ୟକ୍ତି ଏହାକୁ ପୂରଣ କରିବାରେ ସକ୍ଷମ ହୋଇପାରିବ ନାହିଁ । ନିର୍ବାଚନ କମିଶନ ଧାର୍ଯ୍ୟ କରିଥିବା ନିର୍ବାଚନୀ ଖର୍ଚ୍ଚ ତୁଳନାରେ ପ୍ରାର୍ଥୀ ମାନେ ପ୍ରଚାର ପାଇଁ ଯେତିକି ଖର୍ଚ୍ଚ କରୁଛନ୍ତି, ତାହା ହିସାବ ଅନୁସାରେ କେତେ ଗୁଣ ଅଧିକ ତାହାର ସଠିକ ତଦନ୍ତ କରିବା ଉପରେ କୌଣସି ରାଜନୈତିକ ଦଳ ଏକମତ ହେବେନାହିଁ । ଏହାର ଅନେକ କାରଣ ମଧ୍ୟରୁ ଭୋଟରଙ୍କୁ ଖୁସି କରି ଭୋଟ ହାସଲ କରିବାରେ ସାଧୁତା ନାହିଁ । ବାସ୍ତବରେ ଦେଖିବାକୁ ଗଲେ ମାତ୍ରାଧିକ ଭୋଟର ଲାଞ୍ଚ ଖାଇବାର ଅପୂର୍ବ ସୁଯୋଗ ଭାବେ ନିର୍ବାଚକୁ ବୁଝନ୍ତି । ଏଥିରେ ଭୋଜିଭାତ, ମଦ, ମାଂସ ମଧ୍ୟ ଅନ୍ତର୍ଭୁକ୍ତ । ସହର ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଏହି ଧାରା ଲମ୍ବି ଚାଲିଛି । ଏଥିରେ ପୁଣି ନିର୍ବାଚନ ତାରିଖ ପାଖେଇ ଆସିଲେ ହାତ ଗୁଂଜା କାରବାର ଆରମ୍ଭ ହୋଇଯାଏ । ଏଥିପାଇଁ ଅତ୍ୟନ୍ତ ଗୋପନ ଖସଡ଼ା ପ୍ରସ୍ତୁତ କରାଯାଇ କେଉଁ ଭୋଟରକୁ କେତେ ଦିଆଯିବ ବା ତାଙ୍କ ହାତରେ କେତେ ଖଣ୍ଡ ଭୋଟ ରହିଛି ଏବଂ ନିଜ ଦଳ ନିକଟକୁ କେତେ ଖଣ୍ଡ ଭୋଟ ଆସିବ ତାହାର ଏକ ଭିତିରି ସର୍ଭେ ମଧ୍ୟ କରାଯାଉଛି । କେଉଁଠି କେଉଁଠି ପରିବାରରେ ଭୋଟ ଦେବା ବୟସର କେତେ ସଦସ୍ୟ ଅଛନ୍ତି ସେହି ଅନୁସାରେ ଭୋଟର ମୂଲ୍ୟ ସ୍ଥିର କରାଯାଉଛି । ଏହି ଭୋଟ କିଣା ବ୍ୟବସ୍ଥା ହିଁ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ବିଗାଡି ଚାଲିଛି । ତେଣୁ ଭଲ ଭାବେ ବିଚାର କରନ୍ତୁ, ଜଣେ ସାଧାରଣ ବ୍ୟକ୍ତି ଭୋଟ ଫନ୍ଦିର ଏତେ ଖର୍ଚ୍ଚ ବିଷୟରେ ଅବଗତ ହେଲା ବେଳକୁ ନିର୍ବାଚନ ସରିଯାଏ । ଏପରି କି ବୁଥ ଅନୁସାରେ ଦଳୀୟ ପାଣ୍ଠି ବିନିଯୋଗ ହେଉଥିଲା ବେଳେ ଜଣେ ଭଲ ସ୍ୱାଧୀନ ପ୍ରାର୍ଥୀ ଏହାକୁ ସମ୍ଭାଳି ପାରିବ ତ ? ଏବେ କୁହନ୍ତୁ, ରାଜନୀତିକୁ ଭଲ ଲୋକଙ୍କ ପ୍ରବେଶ ଘଟିବ କିପରି ! ଆଜିକାଲି ଭଲ ନେତା ହେବାକୁ ହେଲେ ଭଲ ଟଙ୍କା ଖର୍ଚ୍ଚ କରିବାକୁ ପଡିବ । କାରଣ ଗଣତନ୍ତ୍ରର ସୁରକ୍ଷା ଅପେକ୍ଷା କ୍ଷମତା ଦଖଲର ପ୍ରକ୍ରିୟା ଅତ୍ୟନ୍ତ ବ୍ୟୟ ସାପେକ୍ଷ । ତେଣୁ ଏଭଳି ବ୍ୟୟ ବହୁଳ ରାଜନୀତିକୁ ଆସିବା ସାଧାରଣ ଲୋକଙ୍କ ପାଇଁ ବାଟ ବନ୍ଦ ବୋଲି ଭାବିବାକୁ ହେବ । ବର୍ତ୍ତମାନର କର୍ପୋରେଟ ରାଜନୀତିରେ ଦଳୀୟ ନେତାଙ୍କୁ ଜିତାଇବା ପଛରେ ବହୁ ବାହୁବଳୀଙ୍କ ହାତ ରହୁଛି । ସେମାନଙ୍କ ଭିତରେ ଅଛନ୍ତି ବହୁ ଶିଳ୍ପପତି ଓ ଦୁର୍ନୀତିଗ୍ରସ୍ତ ଠିକାଦାର । ସେହିମାନଙ୍କ କଳାଧନରେ ରାବଣ ରୂପୀ ନେତାମାନେ ଲୋକଙ୍କ ଉପରେ ଅତ୍ୟାଚାର ଚଳାଇ କ୍ଷମତା ହାସଲ କରିଚାଲିଛନ୍ତି । ନାମକୁ ମାତ୍ର ଦାନ ଦେଇ ଲୋକଙ୍କ ଠାରୁ ବିଭିନ୍ନ ବାଟରେ କୋଟି କୋଟି ଟଙ୍କା ହଡପ କରି ନିଜର ବିଳାସମୟ ସାମ୍ରାଜ୍ୟ ବିସ୍ତାର କରୁଛନ୍ତି । ବାସ୍ତବରେ ରାବଣ ପୋଡିକୁ ଯେଉଁ ପ୍ରତୀକ ଭାବେ ଆମେ ପ୍ରଦର୍ଶିତ କରୁଛେ ସେଥିରୁ କେହି କିଛି ଶିକ୍ଷାଲାଭ କରୁନାହାନ୍ତି । ବରଂ ଦିନକୁ ଦିନ ରାବଣର ଚରିତ୍ରକୁ ଘୋଡାଇବା ପାଇଁ ନୂଆ ନୂଆ ଚିନ୍ତାଧାରାର ପ୍ରୟୋଗ କରୁଛନ୍ତି ।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଅପରେସନ ଅକ୍ଟୋପସ



ସୌମେନ୍ଦ୍ର ଜେନା

ଗଣତାନ୍ତ୍ରିକ ରାଷ୍ଟ୍ରରେ ସମ୍ବିଧାନ ଓ ନାଗରିକର ଅଧିକାର କଥା କହୁଥିବା ଲୋକେ ସମାଜସେବାର ଆଳରେ ସଇତାନର ବିଷମଞ୍ଜି ବୁଣି କେମିତି ସମାଜକୁ ରକ୍ତପାତ ଆଡକୁ ନେବାପାଇଁ ଷଡଯନ୍ତ୍ର କରିଥାନ୍ତି ତାର ପ୍ରମାଣ ହେଉଛି ସଂପ୍ରତି ସରକାରଙ୍କ ଦ୍ୱାରା ନିଷିଦ୍ଧ ହୋଇଥିବା ସିମିର ନୂଆ ସନ୍ତ୍ରାସୀ ସଂଗଠନ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ । ଏହି ସଂଗଠନ ଯେମିତି ଛଦ୍ମବେଶୀ, ପ୍ରକୃତିରେ ମଧ୍ୟ ସେମିତି ରାକ୍ଷସୀ । ପଶ୍ଚିମ-ଉତ୍ତର ଭାରତରେ ପାକିସ୍ଥାନ, ପୂର୍ବ ଭାରତରେ ବଙ୍ଗଳାଦେଶ ନାମକ ଦୁଇଟି ମୁସଲିମ ରାଷ୍ଟ୍ର ୧୯୪୭ ପରେ ଗଠନ ହୋଇଥିବା ହେତୁ ୨୦୪୭ ସୁଦ୍ଧା ଦକ୍ଷିଣ ଭାରତର କେରଳ, ତାମିଲନାଡୁ ଓ କର୍ଣ୍ଣାଟକକୁ କେନ୍ଦ୍ର କରି ଏକ ସ୍ୱତନ୍ତ୍ର ଇସଲାମିକ ରାଷ୍ଟ୍ର ଗଠନ ନିମନ୍ତେ ବିଭାଜନର ସ୍ୱପ୍ନ ଦେଖୁଥିବା ଏହି ସନ୍ତ୍ରାସ ସହଯୋଗୀ ସଂଗଠନ ଭାରତରେ ଇସଲାମର ଶାସନ ଚଳାଇବା ପାଇଁ ଯେଉଁ ଏକାଧିକ ସଂଗଠନ ମାଧ୍ୟମରେ ଭାରତ ବ୍ୟାପି ଷଡଯନ୍ତ୍ର ଚଳାଇଥିଲା ତା ବିରୁଦ୍ଧରେ କେନ୍ଦ୍ର ସରକାରଙ୍କ ଅପରେସନ ଅକ୍ଟୋପସ୍ ୨୨ ଓ ୨୭ ସେପ୍ଟେମ୍ବରରେ ହୋଇଥିଲା । ଦେଶର ସୁରକ୍ଷା ପ୍ରତି କ୍ଷତିକାରକ ଏହି ଗତିବିଧି ବିରୁଦ୍ଧରେ ସୁରକ୍ଷା ଏଜେନ୍ସୀଗୁଡିକ କେନ୍ଦ୍ରଠାରୁ ରାଜ୍ୟ ପର୍ଯ୍ୟନ୍ତ ଗୋଟିଏ ସମୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ୨୯ ଅଗଷ୍ଟ ଦିନ ଆୟୋଜିତ ବୈଠକରେ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ଆଇବି ମୁଖ୍ୟ ତପନ ଡେକା 'ର', ମୁଖ୍ୟ ସାମନ୍ତ ଗୋଏଲ, ଗୃହମନ୍ତ୍ରୀ ଅମିତ ଶାହ ପ୍ରମୁଖ ଉପସ୍ଥିତ ଥିଲେ । ଗୃହମନ୍ତ୍ରୀ ସବୁ ସୁରକ୍ଷା ସଂସ୍ଥାଗୁଡିକୁ ପିଏଫ୍ ଆଇର ଗତିବିଧି ସଂକ୍ରାନ୍ତରେ ତୀକ୍ଷଣ ନଜର ରଖିବାକୁ ଏବଂ ସେମାନଙ୍କ କାର୍ଯ୍ୟ ସଂପର୍କରେ ତଥ୍ୟ ସଂଗ୍ରହ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକ ପରେ ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି) ଏବଂ ର (ରିସର୍ଚ୍ଚ ଆଣ୍ଡ ଆନାଲିସିସ ୱିଙ୍ଗ) ଆଦି ଅଧିକ ସକ୍ରୀୟ ହୋଇ କାର୍ଯ୍ୟାନୁଷ୍ଠାନ ଲାଗି ଆବଶ୍ୟକ ପ୍ରସ୍ତୁତି ଚଳାଇଥିଲେ । ଏହିସବୁ ସଂସ୍ଥା ତଥ୍ୟ ପ୍ରମାଣକୁ ଏନ୍‌ଆଇଏ ଏବଂ ଇଡିକୁ ହସ୍ତାନ୍ତରିତ କଲାପରେ ଅପରେସନ ଅକ୍ଟୋପସ୍‌ର ଯୋଜନା ହୋଇଥିଲା । ସନ୍ତ୍ରାସବାଦୀ କାର୍ଯ୍ୟର ଯାଞ୍ଚ ପାଇଁ ଏନ୍‌ଆଇଏ, ଇଡି,ସିଆର୍‌ପିଏଫ୍ ସମେତ ୧୫ଟି ରାଜ୍ୟର ସୁରକ୍ଷା ଏଜେନ୍ସୀ ସହ ଏକ ସମୟରେ ଚଢାଉର ଯୋଜନା କରାଯାଇଥିଲା । ଏଥିପାଇଁ ନୂଆଦିଲ୍ଲୀଠାରେ ନିୟନ୍ତ୍ରଣ କକ୍ଷ ଖୋଲା ଯାଇଥିଲା । ଭୋର ୪ଟା ବେଳେ ୯୩ଟି ସ୍ଥାନରେ ଚଢାଉ କରାଯିବାକୁ ଥିଲା ବେଳେ ସାଢେ ତିନିଟାରେ ସମସ୍ତଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଯାହା ଫଳରେ ୧୦୬ରୁ ଅଧିକ ଜଣଙ୍କୁ ଭିନ୍ନ ଭିନ୍ନ ୧୫ ରାଜ୍ୟରୁ ଗିରଫ କରାଯାଇଥିଲା । ୨୭ତାରିଖ ଦିନ ୮ ରାଜ୍ୟରେ ଦ୍ୱିତୀୟଥର ଚଢାଉ ଏବଂ ଗିରଫଦାରୀ ହୋଇଥିଲା । ଏନ୍‌ଆଇଏ ମୁଖ୍ୟ ଦିନକର ଗୁପ୍ତାଙ୍କ ସହ ଅଜିତ ଡୋଭାଲ ଏବଂ ଗୃହମନ୍ତ୍ରୀ ଶାହଙ୍କ ବୈଠକ ହୋଇଥିଲା । ସଂଗୃହୀତ ତଥ୍ୟ ଓ କାର୍ଯ୍ୟାନୁଷ୍ଠାନ, ଆଗାମୀ ଦିନରେ କାର୍ଯ୍ୟ ନେଇ ଆଲୋଚନା ହୋଇଥିଲା । ଏହି ସଂଗଠନକୁ ନିଷିଦ୍ଧ କରିବା ଲାଗି ଅନେକ ରାଜ୍ୟର ସରକାର ଏବଂ ସୁରକ୍ଷା ଏଜେନ୍ସୀ ପକ୍ଷରୁ ଦାବି ହେଉଥିଲା । ଗତବର୍ଷ ଏପ୍ରିଲ ୨୦୨୧ରେ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ପିଏଫ୍‌ଆଇକୁ ନିଷିଦ୍ଧ କରିବାକୁ ସରକାର ଚିନ୍ତା କରୁଥିବା ବିଷୟ ସୁପ୍ରିମକୋର୍ଟରେ କହିଥିଲେ । ତିନିଦଶନ୍ଧି ତଳର ସିମି ପୁଣି ଫେରିଥିବା କଥା ଗୃହ ମନ୍ତ୍ରଣାଳୟକୁ ସୁରକ୍ଷା ଏଜେନ୍ସୀମାନେ ଜଣାଇଥିଲେ । ଭାରତକୁ ମୁସଲିମ ରାଷ୍ଟ୍ରରେ ପରିବର୍ତ୍ତିତ କରିବା ପାଇଁ ଗଜୱା -ଏ -ହିନ୍ଦ ଅଭିଯାନ ଜାରିଥିବା ଜଣାଇଥିଲେ । ଏଥିରେ ସେମାନେ ଆର୍‌ଏସ୍‌ଏସ୍ ଏବଂ ବିଜେପିର ନେତୃବୃନ୍ଦଙ୍କୁ ମୁଖ୍ୟତଃ ନିଜର ଟାର୍ଗେଟରେ ରଖିଥିଲେ । ଏପରିକି ଅନୁସୂଚିତ ଜାତି, ଉପଜାତି ଏବଂ ପଛୁଆବର୍ଗର ଲୋକଙ୍କ ମଧ୍ୟରେ ହିନ୍ଦୁଧର୍ମ ବିରୋଧୀ ବିଚାରକୁ ପ୍ରସାରିତ କରିବା ସହ ଶିଖମାନଙ୍କୁ ବିଭ୍ରାନ୍ତ କରି ସନ୍ତ୍ରାସ ସହ ଯୋଡିବାକୁ ପ୍ରୟାସ ଚଳାଇଥିଲେ । ପିଏଫ୍‌ଆଇ ମୁସଲିମଙ୍କ ମଧ୍ୟରେ ସୁନ୍ନି ଅସ୍ରଫିମାନଙ୍କୁ ପ୍ରତିନିଧିତ୍ୱ କରୁଥିଲା ବେଳେ ସେମାନଙ୍କ ବିରୋଧୀ ସିହା ପସମାନ୍ଦାଙ୍କୁ ସରକାର ସଂପର୍କ କରି ଅଲଗା ରଖିବାକୁ ଯୋଜନା ହୋଇଥିଲା । ଏପରିକି ୬ମାସ ପୂର୍ବରୁ ସେଥିପାଇଁ ପସମାନ୍ଦା ନେତୃବୃନ୍ଦଙ୍କ ସହ ଆଲୋଚନା ମଧ୍ୟ ହୋଇଥିଲା କେନ୍ଦ୍ର ଗୃହମନ୍ତ୍ରୀ ବୈଠକରେ ପିଏଫ୍‌ଆଇ ଉପରେ ନିଷେଧାଦେଶ ଲାଗୁ କରିବା ପାଇଁ ସୁରକ୍ଷା ଏଜେନ୍ସୀମାନଙ୍କ ମତ ରହିଁବାରେ କେତେକ ତାଙ୍କ ମତକୁ ସମର୍ଥନ କଲାବେଳେ କେତେକ ତତ୍‌କାଳ ଏପରି ନକରିବା ସପକ୍ଷରେ ରହିଲେ । ସୁରକ୍ଷା ପରାମର୍ଶଦାତା କିଛି ଅଧିକ ସମୟ ଦରକାର କଲେ ।

ଇଣ୍ଟେଲିଜେନ୍ସ ବ୍ୟୁରୋ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଲୋକେ ମିଳିତ ଭାବେ ପିଏଫ୍‌ଆଇର କାର୍ଯ୍ୟ ଏବଂ ଆର୍ଥିକ ଉତ୍ସଗୁଡିକୁ ଖୋଜିବାକୁ ଲାଗିଲେ । ଗତ ଦୁଇମାସ ପୂର୍ବେ ଏନ୍‌ଆଇଏ ଅଧିକାରୀମାନେ ପାଟନାର ବିହାର ସରିଫରୁ ସ୍ଥାନୀୟ ପୁଲିସର ସହାୟତାରେ ରାଷ୍ଟ୍ର ବିରୋଧୀ କାର୍ଯ୍ୟ ଚଳିଥିବାର ପ୍ରମାଣ ସବୁ ସଂଗ୍ରହ କଲେ ।

ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ମୁସଲିମ ଧର୍ମଗୁରୁମାନଙ୍କ ସହ ବୈଠକରେ ସନ୍ତ୍ରାସବାଦୀ ଗୋଷ୍ଠୀ ଓ ସଂଗଠନକୁ ନିଷେଧ କରିବା ପାଇଁ ପ୍ରସ୍ତାବ ଗୃହୀତ କରାଇଲେ । ପିଏଫ୍‌ଆଇ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ମୂଳରୁ ସଂଗଠନ ଅନେକ ସହଯୋଗୀ ସଂଗଠନ ଛିଡା କରିଥିଲା । ଯେମିତି ରାଜନୀତି ପାଇଁ ସୋସିଆଲିଷ୍ଟ ଡେମୋକ୍ରାଟିକ ପାର୍ଟି ଇଣ୍ଡିଆ, ଛାତ୍ରଛାତ୍ରୀମାନଙ୍କ ପାଇଁ କ୍ୟାମ୍ପସ ଫ୍ରଣ୍ଟ ଅଫ୍ ଇଣ୍ଡିଆ, ଓକିଲମାନଙ୍କ ପାଇଁ ଅଲ୍ ଇଣ୍ଡିଆ ଲିଗାଲ କାଉନସିଲ,ସମାଜସେବା ପାଇଁ ରିହାବ ଇଣ୍ଡିଆ ଫାଉଣ୍ଡେସନ, ଇଣ୍ଡିଆନ ଫ୍ରାଟରନିଟୀ ଫୋରମ୍, କନ୍‌ଫେଡେରେସନ ଅଫ୍ ମୁସଲିମ ଇନ୍‌ଷ୍ଟିଚ୍ୟୁସନ୍ସ ଇନ ଇଣ୍ଡିଆ, ମୁସଲିମ ରିଲିଫ ନେଟୱାର୍କ, ଧର୍ମାନ୍ତରଣ ପାଇଁ ସତ୍ୟ ସାରଣି, ଦୈନିକ ସମ୍ବାଦପତ୍ର "ଦି ତେଜସ" ପରି ସଂଗଠନ ଗଠନ କରିଥିଲେ । ୨୦୦୬ରେ ଏହା ପ୍ରଥମେ କେରଳରୁ ନେସନାଲ ଡେଭଲପମେଣ୍ଟ ଫ୍ରଣ୍ଟର ଉତ୍ତରାଧିକାରୀ ଭାବେ କାର୍ଯ୍ୟାରମ୍ଭ କରିଥିଲା । ପରେ କର୍ଣ୍ଣାଟକ ଫୋରମ୍ ଫର ଡିଗନିଟୀ (କର୍ଣ୍ଣାଟକ), ମନିଥା ନିଥି ପସାରାଇ (ଏମ୍‌ଏନ୍‌ପି ତାମିଲନାଡୁ), ଗୋଆ ସିଟିଜେନ ଫୋରମ୍, ମହାରାଷ୍ଟ୍ରରେ କମ୍ୟୁନିଟୀ ସୋସିଆଲ ଏଣ୍ଡ ଏଜୁକେଶନାଲ ସୋସାଇଟୀ, ପଶ୍ଚିମବଙ୍ଗର ନାଗରିକ ଅଧିକାର ସୁରକ୍ଷା ସମିତି, ମଣିପୁରର ଲିଲଙ୍ଗ ସୋସିଆଲ ଫୋରମ୍, ଆନ୍ଧ୍ରପ୍ରଦେଶ ଆସୋସିଏସନ୍ ଅଫ ସୋସିଆଲ ଜଷ୍ଟିସ ପରି ମୁସଲିମ ସଂଗଠନଗୁଡିକୁ ନିଜ ସହ ମିଶାଇ ଦେଲା । ନେସନାଲ କନ୍‌ଫେଡେରେସନ ଅଫ ହ୍ୟୁମାନ ରାଇଟ୍ସ ଅର୍ଗାନାଇଜେସନ ସହ ମିଶି କାର୍ଯ୍ୟ କଲା । ଏତେ ସବୁ ସଂଗଠନର ମୂଳ ଉଦ୍ଦେଶ୍ୟ ହେଲା ଭାରତକୁ ଅସ୍ଥିର କରିବା । କାରଣ ମଇ ୨୦୦୩ରେ ପିଏଫ୍‌ଆଇର ପୂର୍ବ ସଂଗଠନ ଏନ୍‌ଡିଏଫ୍ କେରଳର ମାରାଡ୍ ବେଳାଭୂମିରେ ୮ଜଣ ହିନ୍ଦୁ ଧୀବରଙ୍କୁ ହତ୍ୟା କରିଥିଲା । ପରେ ଏହାକୁ ନେଇ ଯେଉଁ ଦଙ୍ଗା ଗୋଳ ହୋଇଥିଲା ତାର ଫଳସ୍ୱରୂପ ୨୦୦୯ରେ ଏନ୍‌ଡିଏଫ୍‌ର ୬୫ଜଣଙ୍କୁ ଆଜୀବନ କାରାବାସ ହୋଇଥିଲା । ୧୯୯୪ରେ ଏନ୍‌ଡିଏଫ୍ ଗଢାଯାଇଥିଲା । ୮ଜୁନ୍ ୨୦୧୧ରେ ମହୀଶୂରର ମହାଜନ କଲେଜରେ ବିଗ୍ନେଶ ଏବଂ ସୁଧୀନ୍ଦ୍ର ନାମକ ଦୁଇଜଣ ପିଲାଙ୍କୁ କେଡିଏଫ୍ ଲୋକେ ଅପହରଣ କରି ହତ୍ୟା କରିଥିଲେ । ଏହି ଘଟଣାରେ ଅନେକ କେଡିଏଫ୍ ଲୋକଙ୍କୁ ଗିରଫ କରାଯିବା ସହ ନିଷିଦ୍ଧ କରାଯିବା ଲାଗି ଦାବି ଉଠିଥିଲା । ନଭେମ୍ବର ୧୯୯୩ରେ ଚେନ୍ନାଇର ଆର୍‌ଏସ୍‌ଏସ୍ କାର୍ଯ୍ୟାଳୟ ଉପରେ ଏମ୍‌ଏନ୍‌ପି (ପିଏଫ୍‌ଆଇର ସହଯୋଗୀ)ର ଲୋକେ ଆକ୍ରମଣ କରିବାରୁ ୧୧ଜଣ ଆର୍‌ଏସ୍‌ଏସ୍ ସ୍ୱୟଂସେବକଙ୍କ ମୃତ୍ୟୁ ହୋଇଥିଲା ।


କର୍ଣ୍ଣାଟକରେ ବିଜେପି ଯୁବମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ପ୍ରବୀଣ ନେଟାରୁଙ୍କୁ ହତ୍ୟା, କାନପୁରରେ ହିଂସା, ମଧ୍ୟ ପ୍ରଦେଶର ଖରଗୋନରେ ଦଙ୍ଗା, ରାଜସ୍ଥାନର କରୌଲିରେ ହିଂସା, ଉଦୟପୁରର ଦର୍ଜୀ କହ୍ନେୟାଲାଲ ହତ୍ୟା, କର୍ଣ୍ଣାଟକର ଶିବମୋଗାର ବଜରଙ୍ଗ ଦଳ କର୍ମୀଙ୍କ ହତ୍ୟା ପଛରେ ପିଏଫ୍‌ଆଇର ନାମ ପୂର୍ବରୁ ଆସିଥିଲା । କେରଳ ହାଇକୋର୍ଟ ଅତୀତରେ ଏହି ସଂଗଠନକୁ ଚରମପନ୍ଥୀ ଆଖ୍ୟା ଦେଇଥିଲେ । ୨୦୧୦ରେ ଟିଜେ ଜୋସେଫ ନାମକ ପ୍ରାଧ୍ୟାପକଙ୍କ ହାତ ପିଏଫ୍‌ଆଇ ଲୋକେ କାଟି ଦେଇଥିଲେ । ୨୦୧୮ରେ କେରଳର ଏର୍ଣ୍ଣାକୁଲମ୍‌ର ଏସ୍‌ଏଫ୍‌ଆଇ ନେତା ଅଭିମନ୍ୟୁଙ୍କୁ ପିଏଫ୍‌ଆଇ ଛାତ୍ରସଂଗଠନ ସିଏଫ୍‌ଆଇର ଛାତ୍ର ହତ୍ୟା କରିଥିଲେ । କାନପୁରର ସିଏଏ -ଏନ୍‌ଆର୍‌ସି ଆନ୍ଦୋଳନ ବେଳେ ପିଏଫ୍‌ଆଇ ସକ୍ରୀୟ ଥିଲା । ବାବୁପୁରଠାରେ ୫ଜଣଙ୍କୁ ଗିରଫ କରାଯାଇଥିଲା । ଚଳିତବର୍ଷ ୩ ଜୁନ୍‌ରେ କାନପୁରର ବେକନଗଞ୍ଜ ଅଞ୍ଚଳରେ ଶୁକ୍ରବାରିଆ ନମାଜୀମାନେ ମସ୍‌ଜିଦରୁ ପଥର ଧରି ବାହାରକୁ ଆସି ମାଡ କରିବା ସହ ଦଙ୍ଗାଗୋଳ କରିଥିଲେ, ସେଥିରେ ପିଏଫ୍‌ଆଇର ହାତ ରହିଥିଲା ।

ସେ ଦୃଷ୍ଟିରୁ ଅପରେସନ ଅକ୍ଟୋପସରେ ୩୦୦ ଏନ୍‌ଆଇଏ ଅଧିକାରୀ, ୨୦୦ ଇଡି ଅଧିକାରୀ, ୪ଜଣ ଆଇଜି, ଜଣେ ଏଡିଜି, ୧୬ ଏସ୍‌ପି , ୧୦୦୦ଜଣ ରାଜ୍ୟ ପୁଲିସଙ୍କୁ ନେଇ ଏକ ଚଢାଉ ଦଳ ଗଠନ କରାଯାଇଥିଲା । ସେଥିପାଇଁ ୬ଟି କମାଣ୍ଡ ସେଣ୍ଟର ଦେଶର ଭିନ୍ନ ଭିନ୍ନ ସ୍ଥାନରେ ଖୋଲାଯାଇଥିଲା । ରାତି ସାଢେ ତିନିଟାରୁ ଚଢାଉ ଆରମ୍ଭ ହୋଇ ସକାଳ ୫ଟା ସୁଦ୍ଧା ଶେଷ ହୋଇଥିଲା । ଏଥିରେ ୧୫୦ ମୋବାଇଲ, ୫୦ ଲାପ୍‌ଟପ୍ , ବ୍ୟାଙ୍କ ଜମାଖାତା, ଭିଜନ କାଗଜପତ୍ର, ସଦସ୍ୟତା ଫର୍ମ, ଅସ୍ତ୍ରଶସ୍ତ୍ର ଆଦି ଜବତ ହୋଇଥିଲା । ଭିନ୍ନ ଭିନ୍ନ ସ୍ଥାନରେ ମୁସଲିମ ଭିକ୍ଟିମ କାର୍ଡ ଖେଳିବାକୁ ପିଏଫ୍‌ଆଇ ପରେ ଉଦ୍ୟମକରି ସଫଳ ହୋଇନାହିଁ । ପରେ ପିଏଫ୍‌ଆଇ ସମର୍ଥକମାନେ କିଛି କିଛି ସ୍ଥାନରେ ଚଢାଉ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରିବାକୁ ପ୍ରୟାସ କରିଥିଲେ । କିନ୍ତୁ ପୁଲିସ ବାହିନୀର ପୂର୍ବ ପ୍ରସ୍ତୁତି ଯୋଗୁ ସେମାନଙ୍କ ଉଦ୍ୟମ ବିଫଳ ହେଲା ।

ବିଗତ ଦିନରେ ପିଏଫ୍‌ଆଇ ବିରୋଧରେ ଥିବା ଅନେକ ଅଭିଯୋଗ ମଧ୍ୟରୁ ୧୪ଟିର ବିଚାର ହୋଇ ୩୫୫ଜଣଙ୍କ ବିରୋଧରେ ଚାର୍ଜସିଟ୍ ହେବା ସହ ୪୬ଜଣ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଭାରତରେ ଗୋଳମାଳ ସୃଷ୍ଟି ପାଇଁ କୁଏତ, ୟୁଏଇ, କାତାର, ଓମାନ, ବାହାରିନ ଏବଂ ସାଉଦି ଆରବରୁ ପିଏଫ୍‌ଆଇ ଅର୍ଥ ସଂଗ୍ରହ କରିଥାଏ । ପ୍ରାୟ ୧୦୦ କୋଟି ଟଙ୍କା ପିଏଫ୍‌ଆଇର ବ୍ୟାଙ୍କ ଖାତାରେ ରହିଥିବା ଜଣାଯାଇଛି । ସେପ୍ଟେମ୍ବର ପ୍ରାତଃକାଳର ଏହି ଚଢାଉରେ ଅନେକ ଷଡଯନ୍ତ୍ରର ସୂତ୍ର ଆଗାମୀ ଦିନରେ ଖୋଲିବ ବୋଲି ଜଣାପଡୁଛି ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ଦଳୀୟ ଆନୁଗତ୍ୟ ଆଳରେ ମହାପ୍ରଭୁଙ୍କୁ ନେଇ ରାଜନୀତି କରାନଯାଉ



ରଶ୍ମିତା ବେହେରା

ଜଗନ୍ନାଥ, କେବଳ ଏକ ଶବ୍ଦ ନୁହେଁ ବରଂ ଦିବ୍ୟ ଅନୁଭବ । କୋଟି ଓଡ଼ିଆର ମଉଡ଼ମଣି ହେଉଛନ୍ତି ମହାପ୍ରଭୁ ଶ୍ରୀ ଜଗନ୍ନାଥ । ସେ ଏ ଜାତିର ଅସ୍ମିତା, ଆତ୍ମାଭିମାନ, ସ୍ୱାଭିମାନ ସମ୍ମାନ ସବୁକିଛି । ବ୍ରହ୍ମାଣ୍ଡର ଶୂନ୍ୟତା, ପୃଥିବୀର ପରିପୂର୍ଣ୍ଣତା ସବୁଥିରେ ସେ ବିଦ୍ୟମାନ । ଏ ରାଜ୍ୟର ସିଲଟ, ମଲାଟ ସବୁଠି ତାଙ୍କରି ବର୍ଣ୍ଣମାଳା । ସେ ଏ ଜାତିର ଅକ୍ଷର, ସ୍ୱାକ୍ଷର ଓ ହସ୍ତାକ୍ଷର । ତାଙ୍କରି ପାଇଁ ତ ଏ ରାଜ୍ୟ ଆଜି ବିଶ୍ୱବନ୍ଦିତ । ସେ ସକାଳ ଧୂପର ଧୂଆଁ, ପୁଣି ସଞ୍ଜ ସଳିତାର ନିଆଁ । ପ୍ରତିଟି ଓଡ଼ିଆର ଠାକୁର ଗାଦିଠୁ ଆରମ୍ଭ କରି ହୃଦୟ ସିଂହାସନ ପର୍ଯ୍ୟନ୍ତ ସବୁଠି ଉଭା ସେ ଜଗନ୍ନାଥ । ରାଜ୍ୟକୁ ମାଡ଼ି ଆସୁଥିବା ପ୍ରତିଟି ବିପଦକୁ ଘୋଉଡ଼ାଇ ଦେବାର ସାମର୍ଥ୍ୟ ତାଙ୍କ ପାଖରେ ହିଁ ତ ରହିଛି । କେଉଁ ଅନାଦି କାଳରୁ ତାଙ୍କ ସହ ଯୋଡ଼ି ହେଇ ରହିଛି ଓଡ଼ିଶାର ପରିଚୟ । କେହିକେହି ତ ଓଡ଼ିଆ ଲୋକଙ୍କୁ ଠାକୁର ରାଜ୍ୟର ଲୋକ କହି ସମ୍ବୋଧନ ବି କରନ୍ତି । ଓଡ଼ିଶାର ନାଁ ଶୁଣିବା ମାତ୍ରେହିଁ ଅନ୍ୟପଟୁ ଜଗନ୍ନାଥଙ୍କ ନାଁ ପ୍ରତିଧ୍ୱନୀତ ହୋଇଥାଏ । ଅପରପକ୍ଷେ କହିବାକୁ ଗଲେ ଓଡ଼ିଶା ଏଭଳି ଏକ ବହି ଯାହାର ମଲାଟ ଶ୍ରୀ ଜଗନ୍ନାଥ,ଓଡ଼ିଶା ଦେଉଳ ହେଲେ ଶ୍ରୀ ଜଗନ୍ନାଥ ଦିଅଁ, ଓଡ଼ିଶା ଯଦି ଅଟ୍ଟାଳିକା ହୁଏ ଆମ ମହାପ୍ରଭୁ ତା'ର ନିଅଁ । ସେ ଏ ରାଜ୍ୟର ସ୍ଥିତି, ଅବସ୍ଥିତି, ପରିସ୍ଥିତି ସବୁ ପର୍ଯ୍ୟାୟ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଗୋଟିଏ ବାକ୍ୟରେ କହିବାକୁ ଗଲେ ସେ ହେଉଛନ୍ତି ଓଡ଼ିଶା ମହାନାଟକର ମହାନାୟକ । ସେ ଉତ୍କଳର ଅବଦମିତ ପ୍ରତିଧ୍ୱନୀ, ଆଧାତ୍ମିକତାର ଲେଖନୀ, କୋଟି ଓଡ଼ିଆଙ୍କ ଆଶା, ବନ୍ୟା ବାତ୍ୟାରେ ବି ବୁଡି ଯାଇ ନଥିବା ଭରସା, ଏମିତି ଅନେକ କିଛି । ଏ ଜାତି ଯାହାପାଖେ ମୁଣ୍ଡ ନୁଆଁଏ, ଗୁହାରୀ ଶୁଣାଏ, କାକୁତି ମୀନତି ହୁଏ ସେ ହେଉଛନ୍ତି ମହାପ୍ରଭୁ ଶ୍ରୀ ଜଗନ୍ନାଥ ।ଓଡ଼ିଶା ଓ ଜଗନ୍ନାଥଙ୍କ ସମ୍ପର୍କ ଠିକ୍ ଦେହ ଓ ଛାଇ ଭଳି । ମାତ୍ର ରାଜନୀତିର ପଶାପାଲିରେ କିଛି ନେତା ଏବେ ମହାପ୍ରଭୁଙ୍କୁ ନେଇ ଗୋଟି ଚଳାଇବା ଆରମ୍ଭ କଲେଣି । ରାଜନୀତିରେ ମହାନାଟକରେ ଏବେ ମହାପ୍ରଭୁ ଶ୍ରୀ ଜଗନ୍ନାଥ । ଗୀତ ଗୋବିନ୍ଦର ରସ ଆସ୍ୱାଦନ କରୁଥିବା ଭାବ ବିନୋଦିଆ ଏବେ ନେତାଙ୍କ ବୟାନବାଜୀରେ ନିଜକୁ କେଡ଼େ ଅସହଜ ବୋଧ କରୁଛନ୍ତି ସତେ । ରାଜନୀତିର ବୟାନ ବାଜିରେ ମହାପପ୍ରଭୂଙ୍କୁ ଶୀର୍ଷକ କରି ରାଜନୈତୀକ ଫାଇଦା ହାସଲ କରିବାକୁ ଚାହୁଁଛନ୍ତି ପଲିଟିକାଲ ପାର୍ଟୀ । କୋଟି ଓଡ଼ିଆର ଆତ୍ମାକୁ ଅଶରୀରି ସଜେଇ ରାଜନୀତିର କାଠଗଡ଼ାରେ ଯଣାଓଟରା କରିବାର ଦୃଶ୍ୟ ଦେଖିବାର ଧୈର୍ଯ୍ୟ ଏ ଜାତି ପାଖରେ ନାହିଁ । ଜଗନ୍ନାଥ ଯେ ଓଡ଼ିଶାର ପରିଚୟ, ଏହା ଏକ ପ୍ରଶ୍ନବାଚୀ ବୀହିନ ବାକ୍ୟ । ମାତ୍ର ଏ ଉକ୍ତିକୁ ଚ୍ୟାଲେଞ୍ଜ କରିଛନ୍ତି ଆଳି ରାଜକନୀକା ବିଧାୟକ ତଥା ମନ୍ତ୍ରୀ ପ୍ରତାପ କିଶୋର ଦେବ । ଜଣେ ମନ୍ତ୍ରୀଙ୍କର ଏଭଳି ଅଯୁକ୍ତିକର ମନ୍ତ୍ର ଆଜି ସମସ୍ତଙ୍କୁ ବ୍ୟଥିତ କରିଛି । ନବୀନ ପଟ୍ଟନାୟକଙ୍କୁ ଉଚ୍ଚା ଦେଖେଇବାକୁ ଯାଇ ମହାପ୍ରଭୁଙ୍କୁ ଗୌଣ କରିବାର ହୀନ ପ୍ରୟାସ ଆଜି ପ୍ରତିଟି ଜଗନ୍ନାଥ ପ୍ରେମୀଙ୍କୁ କଷ୍ଟ ଦେଇଛି । କ୍ଷମତାର ଅନ୍ଧପୁଟୁଳୀରେ ବାନ୍ଧି ହୋଇଥିବା ସରକାର ଆଜି ଏ ଜାତିର ଆଖିକୁ ଧୂଳି ଫିଙ୍ଗିଛି । ଦଳୀୟ ଫାଇଦା ପାଇଁ ମହାପ୍ରଭୁଙ୍କୁ ନେଇ ବୟାନବାଜୀର କାଠଗଡ଼ାରେ ଛିଡ଼ା କରିଛନ୍ତି ବିଧାୟକ । ଯେ ଏ ଓଡ଼ିଆ ଜାତିର ପରିଚୟ ତାଙ୍କୁ ଗୌଣ ପ୍ରମାଣିତ କରି ମନ୍ତ୍ରୀ ମହୋଦୟ ତାଙ୍କ ଜ୍ଞାନର ଅପଚୟ କରିଛନ୍ତି । ପ୍ରସିଦ୍ଧିର ମାପକାଠିରେ ମହାପ୍ରଭୁ ଯେ ମୁଖ୍ୟମନ୍ତ୍ରୀଙ୍କ ଠୁ ପଛରେ ଅଛନ୍ତି ଏକଥା କହି ସେ ସିନା ନିଜ ଆନୁଗତ୍ୟର ଅଟ୍ଟାଳିକା ଗଢୁଛନ୍ତି କିନ୍ତୁ ଏ କଥା ଭୁଲିଯିବା ଉଚିତ ନୁହେଁ ସବୁ ପରିଚୟର ଭିତ୍ତି ହେଉଛନ୍ତି ମହାପ୍ରଭୁ । ବିଗତ ଦିନରେ ମହାପ୍ରଭୁଙ୍କୁ ନେଇ ଯେଉଁଭଳି ହୀନ ଚକ୍ରାନ୍ତ ଚାଲିଛି ସେ ଅବ୍ୟବସ୍ଥାର ବିକଳାଙ୍ଗ ଚିତ୍ରରେ ଆଜି ଈଶ୍ୱର ବି ଅସହାୟ । କେବେ ଭଙ୍ଗା ଚୁଲି ଭଳି ଭକ୍ତଙ୍କ ମନ ଖଣ୍ଡବିଖଣ୍ଡିତ ହୋଇଛି ତ ପୁଣି କେବେ ଦିଅଁଙ୍କ ଉପାସ ରହିବା ଘଟଣାରେ ଭକ୍ତ ଦରପେଟିଆ । ରତ୍ନଭଣ୍ଡାରରେ ରତ୍ନ ଅଛି କି ନାହିଁ ତାକୁ ନେଇ ଏ ଜାତି ଆଜି ଅନ୍ଧାରରେ । ସବୁ ଭିତରେ ବି ଏ ଜାତି ସବୁକିଛି ମୁଣ୍ଡପାତି ସହିନେଇଛି ଖୁବ୍ ଅସହଜ ଭାବରେ । ଏଠି କେହି କେବେ ତା ପାଇଁ ପାଟି ଖୋଲିନି । ପଚାରିନି ଅବ୍ୟବସ୍ଥାପୂର୍ଣ୍ଣ ବ୍ୟବସ୍ଥାର ବିକଳ ଚିତ୍ର ବାବଦରେ ପଦୁଟିଏ, ପ୍ରତିରୋଧ ବି କରିନି ଯେଉଁଦିନ ମହାପ୍ରଭୁ ଉପାସରେ ଥିଲେ, ସ୍ୱର ବି ଉଠାଇନି ଏ ଜାତିର ପରିଚୟକୁ ନେଇ ହେଇଥିବା ଶୋଷଣ ବିରୁଦ୍ଧରେ । ପ୍ରତାପ ଦେବଙ୍କ ଭାଷାରେ କାଳେ ଆଗେ ଓଡ଼ିଶା କହିଲେ ଜଗନ୍ନାଥଙ୍କ ପ୍ରସଙ୍ଗ ଉଠୁଥିଲା ବେଳେ ଏବେ କାଳେ ଆଉ ସେମିତି ନାହିଁ । ଏବେ କାଳେ ମୁଖ୍ୟମନ୍ତ୍ରୀ ମହାପ୍ରଭୁଙ୍କ ଠୁ ଉର୍ଦ୍ଧ୍ୱରେ । ଅର୍ଥାତ୍ ତାଙ୍କ ମତରେ କାଳେ ନବୀନ ହିଁ ଓଡ଼ିଶାର ପରିଚୟ । ଜଣେ ଓଡ଼ିଆ ଯେ ଜଗନ୍ନାଥଙ୍କୁ ନେଇ ଏଭଳି ନୀଚ ମାନସିକତାର ପ୍ରତିଛବି ଆଙ୍କି ପାରେ ତାହା କଳ୍ପନାତୀତ ହେଇଥିଲେ ସୁଦ୍ଧା ମନ୍ତ୍ରୀ ମହୋଦୟ ତାକୁ ସତରେ ପରିଣତ କରି ନିଜ ଚାଟୁକାରୀତାର ପରିଚୟ ଦେଇଛନ୍ତି । କ୍ଷମତା ମୋହରେ ସେ ଏତେ ଅନ୍ଧ ଯେ ଜଗନ୍ନାଥକୁ ତୁଳନାର କାଠଗଡ଼ାରେ ଛିଡ଼ା କରି ଶେଷରେ ନଗଣ୍ୟ ପ୍ରମାଣିତ କରିଦେଲେ । ପଦ ପଦବୀ ମୋହରେ ଜଗନ୍ନାଥଙ୍କ ଛାତିରେ ବି ସେ କୋହ ଭରିଦେଲେ । ବାସ୍ତବରେ ଏଭଳି ଜନ ପ୍ରତିନିଧୀଙ୍କ ନେତୃତ୍ୱ, ଚିନ୍ତା, ଚେତନା ଯେ କେତେ ନିମ୍ନଗାମୀ ତାହା ଆଜି ସ୍ପଷ୍ଟ ଅନୁମେୟ । ତେବେ କେବଳ ପ୍ରତାପ ଦେବ ନୁହେଁ ଆଗରୁ ଅନେକ ନେତା ଜଗନ୍ନାଥଙ୍କୁ ନେଇ ରାଜନୀତି କରିବାକୁ ଏକ ଟ୍ରେଣ୍ଡ ଭାବି ନେଲେଣି । ଜଗନ୍ନାଥଙ୍କୁ ନେଇ ରାଜନୀତି କରିବା ଏ ନେତା ମାନଙ୍କ ପାଇଁ ଏକ ନୂଆ ପ୍ରସଙ୍ଗ ନୁହେଁ । ବହୁ ପୂର୍ବରୁ ରାଜନୀତିର ପଶାପାଲିରେ ମହାପ୍ରଭୁଙ୍କୁ ଗୋଟି ସଜା ଯାଇଛି । ଫାଇଦା ପାଇଁ ପ୍ରସଙ୍ଗ ସାଜିଛନ୍ତି ଜଗନ୍ନାଥ ।୨୦୧୯ ନିର୍ବାଚନରେ ପୁରୀ ସାଂସଦ ପ୍ରାର୍ଥୀ ସମ୍ବିତ ପାତ୍ର ଜଗନ୍ନାଥଙ୍କ ପ୍ରତିମା ଧରି ପ୍ରଚାରକୁ ଓହ୍ଲାଇଥିଲେ । ଏପରିକି ଜଗନ୍ନାଥ ଡ଼ାକିଛନ୍ତି ମୋଦି ପଠାଇଛନ୍ତିର ନାରା ଦେଇ ସେ ଜନତାଙ୍କ ପାଖରେ ପହଞ୍ଚିଥିଲେ । ଯଦିଓ ଏହାକୁ ତାଙ୍କ ଭକ୍ତିଭାବ ବୋଲି ଦର୍ଶାଯାଇପାରେ କିନ୍ତୁ ମହାପ୍ରଭୁଙ୍କ ବିଭିନ୍ନ ପ୍ରସଙ୍ଗରେ ତାଙ୍କର ନୀରବତା ମଧ୍ୟ ଦେଖିବାକୁ ମିଳିଥିଲା । ଗୋଟାଏ ରାଜନୈତୀକ ସଭାରେ ବିଜେପି ନେତ୍ରୀ ଲେଖାଶ୍ରୀ ସାମନ୍ତରାୟ ମଧ୍ୟ ବିବାଦୀୟ କଥା କହି ସମାଲୋଚନାର ଶରବ୍ୟ ହୋଇଥିଲେ । ସେ କହିଥିଲେ କି ସମ୍ବିତ ପାତ୍ର ପୁରୀ ଲୋକସଭା ଆସନରୁ ଲଢ଼ିବା ପରେ ହିଁ ପୁରୀ ଓଡ଼ିଶାରେ ବୋଲି ଲୋକ ଜାଣିବାକୁ ପାଇଲେ । ଅନ୍ୟଥା ଲୋକଙ୍କୁ ପୁରୀ ବାବଦରେ କିଛି ଧାରଣା ହିଁ ନାହିଁ । ସତରେ ଏ ସବୁ ରାଜନୈତୀକ ଉକ୍ତିରୁ ଆମ ମହାପ୍ରଭୁ ଢ଼େର୍ ଉର୍ଦ୍ଧରେ ।ସେ ଆମ ପରିଚୟ, ଗର୍ବ ଗୌରବ ସବୁକିଛି । ଓଡ଼ିଶା ରୁପକ ବହିର ସେ ମଲାଟ, ଭକ୍ତି ବର୍ଣ୍ଣମାଳାର ସେ ସିଲଟ, ଏ ଜାତି ସମ୍ପତିର ସେ ଅଭଙ୍ଗା କବାଟ, ଏ ଓଡ଼ିଶା ଜାତିର ସେ ରକ୍ଷକ, ନିରାଶାର ତମସାରେ ଆଶାର ଆଲୋକ, ସେ ଏ ଓଡ଼ିଆ ଜାତିର ଭିତ୍ତି, ଅପ୍ରାପ୍ତି ଭିତରେ ପ୍ରାପ୍ତି, ଏ ଜାତିର ପରମ ତୃପ୍ତି, ଅଲୌକିକତାର ଉକ୍ତି, ସେ ପ୍ରତିଟି ଶିଳ୍ପୀର ତୂଳୀ, ଲେଖକ ମୁନର କାଳି । ସେ ଏ ନୀତି, ଅନୀତି, ରାଜନୀତିରୁ ଢ଼େର୍ ଉର୍ଦ୍ଧରେ । ତେଣୁ ଏ ରାଜନୀତିର ରଣକାରମାନେ ସାବଧାନ ହେଇଯାଅ । ତମ ନେତୃତ୍ୱକୁ ଶତଧିକ୍, ଶତଧିକ୍ ତୁମର ଚାଟୁକାରୀତାକୁ, ଶତଧିକ୍ ତମ ନେତାପଣିଆକୁ । ମହାପ୍ରଭୁଙ୍କୁ ନେଇ ରାଜନୀତି କରିବା ବନ୍ଦ କର । ସେ ପଲିଟିକାଲ୍ ଟ୍ରେଣ୍ଡ ନୁହେଁ, ବରଂ ଏ ଜାତିର ବ୍ରାଣ୍ଡ । ସେ କୋଉ ପାର୍ଟୀର ନୁହେଁ, ବରଂ ଏ ମାଟିର ।

*ଆଉ ଗୋଟାଏ କଥା ଯେମିତି ଭୁଲି ନ ଯାଅ*
ଉତ୍କଳେ ନେତାର ନାହିଁ ପ୍ରୟୋଜନ
ଉତ୍କଳର ନେତା ନିଜେ ନାରାୟଣ

**ସାମ୍ବାଦିକା**
*ନିହାଲପ୍ରସାଦ,ଢେଙ୍କାନାଳ*
*ଦୂରଭାଷ : ୭୩୨୫୯୬୦୨୭୮*

## ଧାରାବାହିକ ଉପନ୍ୟାସ

## ବିଧୁମଞ୍ଜୁଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୨୮




*(ପୂର୍ବପ୍ରକାଶ ଉତ୍ତାରୁ)*

ହେଲେ ଏ ହୀନି କପାଳୀକୁ ଏମିତି ସଢିବାକୁ ଛାଡିଦେଇ କଣ ଶାନ୍ତିରେ ମରିପାରିବ। ତା ବାପାମା' ବଂଚିଥିଲେ କଣ ଏପରି ପର ଘରେ ତାକୁ ଖଟିବାକୁ ଛାଡିଦେଇ ପାରିଥାନ୍ତେ? ବୋକୀଟାକୁ ଯେତେ ବୁଝାଇଲେ ବି ସେ କଣ ଶୁଣୁଛି ନା ବୁଝୁଛି ତା କଥା? ଅହରହ ରାତିରୁ ଦିନ ପୁଣି ଦିନରୁ ରାତିଯାଏଁ ସେଇ ସାନବାବୁ। ବାହାଘର କଥା କହିଲେ ତ କାନ୍ଦୁଛି। ତା ମନରେ ଯୋଉଠି କଂଟାଟା ଲାଖି ଯାଇଛି ସେ ଯନ୍ତଣା ବାବଦରେ ତାକୁ କଣ ବୁଝାଇବ ସେ! ସେ ହୁଣ୍ଡିଟା କଣ କେବେ ବି ତା କଥାକୁ ଖାତିର୍ କରିଛି। ସୁଖ କହିଲେ ସାନବାବୁ, ଦୁଃଖ କହିଲେ ସେଇ ସାନବାବୁ। ତା ବ୍ୟତିତ ସେ ନିଜକୁ ଠିକ୍‌ରେ ଦେଖିନାହିଁ, ବୁଝିନାହିଁ କି ପଢିନାହିଁ।

ଠାକୁରଙ୍କୁ ଏମିତି ନିଷ୍ଠାର ସହିତ ଭଲପାଇଥିଲେ କିମ୍ବା ପୂଜା କରିଥିଲେ ସେ ହୁଏତ ତା ଡାକ ଶୁଣନ୍ତେ! ହେଲେ ମଣିଷମାନଂକୁ ଭଲ ପାଇବାରେ କଣ ଅଛି? ଖାଲି ଦହନ! ଆଜିକାଲି ସେ ନିଜକୁ ଦୋଷଦିଏ। ତା ଭାଗ୍ୟର କଳାଦାଗ ବୋଧେ ଲୀନା ଉପରେ ପଡିଛି!

(୬)

ମନିଷା ଓବେରୟ ଖୁବଧନୀ, ଆଭିଜାତ୍ୟ ସଂପନ୍ନା ଓ ମେଳାପୀ। ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ସେ ନିଜ ହିସାବରେ ଓ ନିଜଇଚ୍ଛା ମୁତାବକ ଜୀଇଁବାକୁ ଚାହେଁ। ସେ ପରାନ୍ନଜୀବୀ ପ୍ରାଣୀମାନଙ୍କୁ ଘୃଣା କରେ। ତା ମତରେ ସେମାନେ ହେଉଛନ୍ତି ଜୋକ ନହେଲେ ଡାଆଁଶ..ନିହାତି ନିଃଶବ୍ଦ ଓ ସନ୍ତର୍ପଣରେ ସେମାନେ ନିଜ ଜୀଇଁବାର ନିଭୃତ ଇଚ୍ଛାଟିକୁ ଫଳବତୀ କରାଉଥାନ୍ତି। ସେ ସାଙ୍ଗମାନଙ୍କ ପରିସରକୁ ଭଲପାଏ ଓ ସେମାନଙ୍କ ସହିତ ଖୁବ୍ ମିଶେ। ଅଜସ୍ର ଟଙ୍କା ଖର୍ଚ୍ଚକରେ। ପାର୍ଟି, ସିନେମା, ମାର୍କେଟିଂ, ସପିଙ୍ଗ୍ ମଲ୍, କ୍ଲବ୍ ଏସବୁ ଭିତରେ ଜୀବନର ଖୁସି ସାଉଁଟେ। ନିଜକୁ ନୂଆ କରି ଆବିଷ୍କାର କରେ। ନିଜ ଆଭିଜାତ୍ୟର ଡିଣ୍ଡିମ ପିଟେ ସେ। ବଡଲୋକୀ ପଣିଆ ଜାହିର୍ କରୁଥାଏ ସେମାନଙ୍କ ଉପରେ।

ତାର ଗୋଟାଏ ନିହାତି ବଦଗୁଣ ହେଲା- କିଛିଦିନ ଧରି ନିର୍ଦ୍ଦିଷ୍ଟ ସାଙ୍ଗ ସହିତ ଗପିବାକୁ, ଘଟଣା ଓ ଦୁର୍ଘଟଣାକୁ ସେୟାର୍ କରିବାକୁ ସେ ପସନ୍ଦ କରେନି। ଋତୁପରି ସାଙ୍ଗ ବଦଳାଏ। ତାକୁ ନୂଆ ମୁହଁ ଭଲଲାଗେ। ପରିବର୍ତ୍ତିତ ଦୁନିଆଁ ତାର ପସନ୍ଦ! ଯେମିତି ଏକା ଖାଦ୍ୟ ସବୁବେଳ ତାକୁ ରଚେନି ସେମିତି ସେହି ଏକା ଚଳଣୀ ଓ ମଣିଷଙ୍କୁ ବି ସେ ଗ୍ରହଣ କରିପାରେନି। ସାଙ୍ଗମାନଙ୍କ ଭିତରେ ଅଞ୍ଜନ, ଅନିକେତ, ବିଭାବନା, ସମରେଶ୍, ଜୀବନ ଏମିତି ଅନେକ..।

ତଥାପି ତାର ନିକଟତର ସମସ୍ତେ ସବୁବେଳେ ହୋଇପାରନ୍ତି ନାହିଁ। କିଛିଦିନ ପରେ ସେ ଅଧୀକାର ବି ଅପହୃତ ହୋଇଯାଏ। ହେଲେ ନିଆଁରେ ପତଙ୍ଗଟିଏ ପୋଡିଯିବ ବୋଲି ଜାଣିମଧ୍ୟ ସେ ବାରମ୍ବାର ନିଆଁ ସହିତ ଖେଳିବାକୁ ଭଲପାଏ। ଠିକ୍ ସେହିପରି ତାର ପୁରୁଷ ବନ୍ଧୁମାନେ..ତା ଆଖପାଖରେ ଘୂରି ବୁଲନ୍ତି କିଛିକାଳ। ସେମାନଙ୍କ ଭିତରେ କ୍ଷୁଦ୍ର ପ୍ରତିଯୋଗିତା ଅନୁଷ୍ଠିତ ହୁଏ। ଯେ ଜିତିଲା ମନିଷା ଓବେରୟ ତାର। ମନିଷା ଓବେରୟ ତାକୁ ମାଙ୍କଡ ପରି ନଚାଏ। ଉଠ୍, ବସ୍ କରାଏ। ସେ କାଉକୁ ଧଳା କହିଲେ ବି ତାହା ନିୟମ ହୋଇଯାଏ। ସେ ମଦ ପିଏ, ଡ୍ରଗ୍ସ ନିଏ, ପାର୍ଟି କରେ। ସାଙ୍ଗମାନଙ୍କ ସହ ନିଶା ଓ ବାଦ୍ୟର ତାଳେତାଳେ ସେ ମତୁଆଲା ହୁଏ।।

ମନିଷା ନିଜକୁ ପରୀଟିଏ ଭଳି ମନେକରେ। ବାପା,ମାଆ ତାଙ୍କ ଦୁନିଆଁରେ ବ୍ୟସ୍ତ। ଝିଅପାଇଁ ସେମିତି ବିଶେଷ ସମୟ ଦେଇପାରନ୍ତି ନାହିଁ। ତଥାପି ତା ପାଇଁ ସେମାନେ ସମସ୍ତ ପ୍ରାଚୁର୍ଯ୍ୟ ଖଞ୍ଜି ଦେଇଛନ୍ତି। ତା ଈଶାରା ଅପେକ୍ଷାରେ କେତେ ଚାକର, ପୂଜାରୀ। ତା ପାଟିରୁ ପୃଥିବୀର ଯେକୌଣସି ଖାଦ୍ୟର ନାଁ ବାହାରେ ସେସବୁ ତତ୍‌କ୍ଷଣାତ୍ ପ୍ରସ୍ତୁତ ହୋଇଯାଏ। ତା ପୋଷାକପତ୍ର, ଯୋତା, ବେଡ୍ ରୁମ୍, ସବୁ କିଛିର ଦାୟିତ୍ୱପାଇଁ ଜଣେ ଜଣେ ନିର୍ଦ୍ଦିଷ୍ଟଲୋକ ନିୟୋଜିତ। ମନିଷା ଓବେରୟର କିଛି ଅଭାବ ନାହିଁ। ତଥାପି ବି ଅନେକ ଅଭିଯୋଗ ଓ ଅବଶୋଷ..ଜୀବନକୁ ନେଇ। ତା ମତରେ ସେ ବାପାମାଆଙ୍କୁ ହରାଇ ଦେଇଛି ଏ ଅର୍ଥଲାଳସା ଭିତରେ। ସେ ନିହାତି ନିଃସଙ୍ଗ ଜୀବନଟେ ଜୀଉଁଛି ବୋଲି ଜୀବନ ପ୍ରତି ତା ଦୃଷ୍ଟିକୋଣ ବଦଳିଯାଇଛି।

ମନିଷା ଓବେରୟ ନିଶାରେ ଚୂର୍ ହୋଇଗଲେ ଅନେକକଥା ବଖାଣି ପକାଇ କହେ- ସୁଯୋଗ ମିଳିଲେ ମୋ ବାପାମାଆଙ୍କୁ ବଦଳାଇ ଦିଅନ୍ତି। ବଦଳାଇ ଦିଅନ୍ତି ଦେଶର ନିୟମ କାନୁନ୍! ବଦଳାଇ ଦିଅନ୍ତି ବେଶପୋଷାକ, ରହଣୀସହଣୀ ସବୁକିଛି। ଦେଶକୁ ଶାସନ କରି ଲୋକମାନଙ୍କୁ ନିରୀହ ବିଲେଇ ପରି ଖୁବ୍ ନଚାନ୍ତି। ମୋ ଚାରିପଟେ ସେମାନେ ଘୂରିବୁଲନ୍ତେ ଜନ୍ଦା ପିମ୍ପୁଡିମାନଙ୍କ ପରି ଆଉ ମୁଁ ସିଂହାସନରେ ବସି ସେଗୁଡିକୁ ଉପଭୋଗ କରନ୍ତି!

କେବେକେବେ ବିବାହ ଉପରେ ମତଦେଇ କହେ-ସବୁବେଳେ ସେଇ ପୁରୁଣାମୁହଁ..ଇସ୍ କେମିତି ସହିପାରନ୍ତି ଏମାନେ ସେଇ ଗୋଟିଏ ଲୋକକୁ ଜୀବନଟା ସାରା? ଏମାନେ ସମସ୍ତେ କଣ ଗୋଟେ ଗୋଟେ ପାଗଳ? କେମିତି ଖୁଂଟରେ ବାନ୍ଧି ହୋଇ ରହିପାରନ୍ତି ସାରାଜୀବନ!

*(କ୍ରମଶଃ)*

## ବିଶେଷ କବିତା

# ବିଭାବରୀ



**ଶରତ କୁମାର ଦାସ**

ବୁଡିଲେଣି ସୂର୍ଯ୍ୟ ବୋଲି ଅସ୍ତରାଗ
ପ୍ରତୀଚୀ ଆକାଶ ପଥେ,
ଗୋଗୋଷ୍ଠକୁ ଗୋରୁ ନୀଡକୁ ବିହଙ୍ଗ
ଫେରିଲେଣି ଯେଝାମତେ।
ସଂଧ୍ୟାର ଚାଦର ହଟିଲାଣି ଭବେ
ଛୁଇଁଲାଣି ବିଭାବରୀ,
ମୋହମୁଗ୍ଧ ମାଟି ପ୍ରୀତି-ସମ୍ମୋହନେ
ହସିଲାଣି ପୁଷ୍ପ ଧରି।
ତାରାଫୁଲ ସବୁ ସଜେଇ ହେଲେଣି
ସହସ୍ର ଦୀପାଳି ଜାଳି,
ସତୃଷ୍ଣ ନୟନେ ଚାହିଁ ବସିଛନ୍ତି
କରେ ଧରି ଅର୍ଘ୍ୟଥାଳି।
କଳା ଓଢଣିରେ ଦିଶିଲାଣି ତୋରା
ମଧୁଲଗ୍ନା ମଧୁମୟୀ,
ଆଖି ହଳକରେ ସ୍ୱପ୍ନ ଢଳ ଢଳ
ସତେ କି ସେ ସ୍ୱପ୍ନମୟୀ।
ଅନ୍ତରରେ ଧରି ବିଶ୍ୱାସ ପସରା
ନିଃଶ୍ୱାସରେ ଅନୁରାଗ,
ଚୁପି ଚୁପି ଗୀତ ଗାଇଲାଣି ହସି
ଝରିଲାଣି ସପ୍ତରାଗ।
ତମସାର ସ୍ପର୍ଶେ ଧରିତ୍ରୀ ଅଙ୍ଗନେ
ଖେଳିଲାଣି ନୀରବତା,
ସେହି ନୀରବତା ଜୀବନର ବାର୍ତ୍ତା
ନାଚିଉଠେ ପ୍ରାଣସତ୍ତା।

ଭୂମିରୁ ଭୂମାକୁ ସଂଯୋଗ ହେଲାଣି
ଚେତନାର ସ୍ନିଗ୍ଧ ଡୋର,
ମହାଅନ୍ଧକାରେ ଶୁଭିଲାଣି ସିକ୍ତ
ସୁମଧୁର ବଂଶୀ ସ୍ୱର।
ସେଇ ବଂଶୀ ସୁର ଆଲୋକ ସମ୍ଭାର
ଫିଟେ ବାଟ ଅନ୍ଧକାରେ,
ଅଦୃଶ୍ୟରେ ଦୃଶ୍ୟ ହୁଏ ବର୍ଣ୍ଣବିଭା
ଶୂନ୍ୟତାର ଶୂନ୍ୟଧାରେ।
ମୋହାଚ୍ଛନ୍ନ ପ୍ରାଣ ହୁଅଇ ତଲ୍ଲୀନ
ଶୁଭ ସ୍ୱାଗତିକା ଗାଏ
ଜୀବନର ମାର୍ଗ ତନ୍ମୟେ ବିଭୋର
ସ୍ୱପ୍ନ ଜୀବନ୍ୟାସ ପାଏ।
ପୂର୍ଣ୍ଣ ମାଦକତା ଭରିଯାଏ ହୃଦେ
ଧରାଦିଏ ରୂପାଜହ୍ନ,
ନିଶାର୍ଦ୍ଧର ସେଇ ନୀରବ ଗୁଞ୍ଜନ
ମୋହି ନିଏ ଜନ ମନ।
ଦିବା ଅବା ନିଶି ଜନ୍ମ ଅବା ମୃତ୍ୟୁ
ସମୟ ହାତରେ ଖେଳ,
ଲୁହ ବଦଳରେ ପାଦ ଥାପେ ହସ
ଆସେ ଯେବେ ମଧୁବେଳ।

*ଅଧ୍ୟାପକ, ବିଭାଗୀୟ ମୁଖ୍ୟ,*
*ରାଜନୀତି ବିଜ୍ଞାନ ବିଭାଗ*
*ବଡବିଲ ମହାବିଦ୍ୟାଳୟ, ବଡବିଲ*
*ମୋ-୮୨୪୯୧୩୭୦୯୧*

# ଆଉ ଥରେ ନିର୍ବାଚନ

**ଶ୍ୟାମା କିଙ୍କର ମହାନ୍ତି**



ସାଧାରଣ ନିର୍ବାଚନ ପାଇଁ ତିନି ଦିନର ଟ୍ରେନିଂ ପରେ ତିନିଦିନିଆ ଡ୍ୟୁଟି ପ୍ରିଜାଇଡିଙ୍ଗ ଅଫିସର ଭାବେ। ଏଇ ତିନିଦିନିଆ ଡ୍ୟୁଟି କେତେ କଷ୍ଟକର ଯିଏ ଅଙ୍ଗେ ନିଭେଇଥିବ ସେ ହିଁ କହିପାରିବ। ଆମେ ଭାଇ ହେଲୁ ଛୋଟକାଟିଆ କବି ଲୋକ। ଆମକୁ ଏ ବି.ୟୁ./ସି.ୟୁ./ଭିଭିପ୍ୟାଟ ପାଠ ସାଙ୍ଗକୁ ନିର୍ବାଚନ ପରିଚାଳନା ଦାୟିତ୍ୱ ଭାରି କଷ୍ଟ। ସେ ଯା ହେଉ ସୁରୁଖୁରରେ କାମ ସାରି ସବୁ ଜିନିଷ ଜିଲ୍ଲାପାଳଙ୍କ ଅଫିସରେ ଦାଖଲ କରୁ କରୁ ରାତି ବାର। ଘରକୁ ଫେରିଲି ରାତି ଅଢେଇଟାରେ। ଦେହମୁଣ୍ଡ ଦରଜ, ଲାଗୁଥାଏ ଯେମିତି ଦି ଦିନ ଦି ରାତି କୋଉଠି ଯାତ୍ରା ଦେଖି ଫେରିଛି। ବିଛଣାରେ ପଡୁ ପଡୁ ଘମାଘୋଟ ନିଦ।

ଦେଖିଲି, ରାଜ୍ୟରେ ଆଉ ଗୋଟେ କଣ ନିର୍ବାଚନ ପାଇଁ ଘୋଷଣା ହେଲାଣି। ଏଥର ବିଧାନସଭା ପାଇଁ ନୁହେଁ, କବିସଭା ପାଇଁ। ମୁଖ୍ୟମନ୍ତ୍ରୀ ଚୟନ ପାଇଁ ନୁହେଁ, ମୁଖ୍ୟକବି ଚୟନ ପାଇଁ। ଆଛା କଥା ହେଲା ହୋ ଭାଇ। ଚାହୁଁ ଚାହୁଁ ପ୍ରଚାର ବି ସୁରୁ। ପଦଯାତ୍ରାରେ ବାହାରିଛନ୍ତି ଶହେ ପାଖାପାଖି ବୟସ୍କ କିମ୍ବା ମଧ୍ୟବୟସ୍କ କବି ଆଉ କବୟିତ୍ରୀ। ପ୍ରାୟ ପିନ୍ଧିଛନ୍ତି କୁର୍ତ୍ତା ପାଇଜାମା କିମ୍ବା ଶାଢ଼ୀ। କେହି କେହି ନେହେରୁ କି ମୋଦୀ ଭଳି ଜ୍ୟାକେଟ ଗଳେଇଛନ୍ତି ଉପରେ। ଜଣେ କେହି ଛକ ଦେଖି ଭାଷଣ ଦେଉଛି : କବିତା କଣ ଆମେ ହିଁ ଜାଣୁ। ଗତ ତିନି ଚାରି ଦଶନ୍ଧି ହେଲା ଆମେ ହିଁ ଓଡ଼ିଆ କବିତାର ରୂପରେଖ ତିଆରି କରିଛୁ। ନୂଆ ପିଢୀ ଲେଖୁଥିବା ଫବିତା ମୋହରେ ପଡନ୍ତୁ ନାହିଁ। ତା ଛଡା ଆମ ଦଳରେ ବଛାବଛା ପ୍ରଶାସନିକ ଅଧିକାରୀ ଓ ଶିକ୍ଷାବିତ ସବୁ ଅଛନ୍ତି। ଓଡ଼ିଆ କବିତାର ମାନ ଅକ୍ଷୁର୍ଣ୍ଣ ରଖିବାକୁ ହେଲେ ଆମ ଦଳକୁ ହିଁ ଭୋଟ ଦେଇ ଜିତାନ୍ତୁ।

ଆଉ ଗୋଟେ ଛକରେ ଦେଖିଲା ବେଳକୁ ବାଇକ ରାଲି ଚାଲିଛି। କିଛି ସୁନ୍ଦରୀ ଝିଅ ଆଉ କିଛି ହିରୋ ମାର୍କା ପୁଅ ରାଲିରେ। ଝିଅ ସବୁ ଜିନ୍ସ ଟପ ପରିହିତା ଆଉ ପୁଅଙ୍କ କଥା ନ କହିଲେ ଭଲ। କିଏ ବରମୁଡା ତ କିଏ ସ୍ଲିଭଲେସ ବାନିଆନ। ଛକରେ ଗାଡି ଅଟକେଇ ଝିଅଟେ କବିତା ଆବୃତ୍ତି କରୁଛି। ଆବୃତ୍ତି ତ ନୁହେଁ ଗାଉଛି। ପୁଅଟେ ଅଣ୍ଟା ହଲାଉଛି କବିତାର ତାଳରେ। ଜଣେ କିଏ ଭାଷଣ ଆରମ୍ଭ କଲା, ବୁଢୋ କା ଜମାନା ଗୟା। ଏବେ ଟ୍ରେଣ୍ଡି କବିତାର ଯୁଗ। କବିସଭା ରେ ଏବେ ଆମ ସରକାର ଆସିବା ଦରକାର। ଆମ ଦଳ ବିଜୟୀ ହେଲେ ପ୍ରେମମନ୍ତ୍ରୀ ହେବେ କବୟିତ୍ରୀ ଆଂଜେଲ ପ୍ରିୟା, ବିରହ ମନ୍ତ୍ରୀ ହେବେ କବି ରକ୍ ବୟ ଗୁଡ଼ଡୁ ଆଉ ପ୍ରଣୟ ମନ୍ତ୍ରୀ ହେବେ ମହାକବି ତପୁ ଦମଦମ। ଆମେ ବିଜୟୀ ହେଲେ ପ୍ରତି ଛକରେ ଖୋଲିବୁ କବିତା ବୁଥ, କବି ଜନଧନ ଯୋଜନାରେ ସବୁ କବିଙ୍କ ଆକାଉଣ୍ଟରେ ଦବୁ ମାସିକ ଭତ୍ତା, ଆହୁରି କେତେ କଣ।

ଏସବୁ ଦେଖି ମୁଁ ଟେରା। ଘରେ ଆସି ମୋବାଇଲ ଖୋଲେ ତ ସୋସିଆଲ ମିଡିଆରେ ଅନନ୍ୟ ପ୍ରଚାର। ହେ ମୋର କବିତା ପ୍ରେମୀ ଭୋଟର ଗଣ, ଯୁଗ ବଦଳୁଛି। ଟଙ୍କା ଖର୍ଚ୍ଚ କରି ମାଗାଜିନ କି ବହି କିଣିବା ଭୁଲିଯାନ୍ତୁ। ଫେସବୁକ ଓ ହ୍ୱାଟ୍ସଆପ ରେ ମାଗଣାରେ ପଢନ୍ତୁ ଆମର ହଜାର ହଜାର କବିତା। ଆମ ଦଳ ସବୁଠାରୁ ଉଦାର। ଯେମିତି ସେମିତି କରି ଦି ଚାରି ଧାଡି ଲେଖିଦେଲେ ଆମେ ତାକୁ କବି ବା କବୟିତ୍ରୀର ମାନ୍ୟତା ଦେଉ। ଆମେ ଗଣତନ୍ତ୍ର ରେ ବିଶ୍ୱାସ କରୁ। ତେଣୁ ଯିଏ ବେଶି ଲାଇକ କମେଣ୍ଟ ଯୋଗାଡ଼ କରି ପାରିଲା ତାକୁ ଆମେ ଭଲ କବି ବା କବୟିତ୍ରୀର ମାନ୍ୟତା ଦେଉ। ତେଣୁ ଆମ ଦଳକୁ ବିଜୟୀ କରାନ୍ତୁ ଆମେ ଭେଟି ଦେବୁ ସମାଜକୁ ପ୍ରତିଦିନ ନୂଆ ନୂଆ କବି, ନୂଆ ନୂଆ କବିତା।


ଏଣେ ଦେଖିଲାବେଳକୁ କବିତାସଭାର ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇସାରିଥାଏ। ହ୍ୱାଟ୍ସଆପ କବିତା ଗ୍ରୁପର ଆଡମିନ ମାନଙ୍କୁ ସେକ୍ଟର ଅଫିସର ଆଉ ସାହିତ୍ୟ ଅନୁଷ୍ଠାନର ସମ୍ପାଦକ ମାନଙ୍କୁ ରିଟର୍ନିଙ୍ଗ ଅଫିସର ଭାବେ ଦାୟିତ୍ୱ ଦିଆସରିଥାଏ। ଆମ ଗାଁ ସାହିତ୍ୟ ଅନୁଷ୍ଠାନର ସହ ସମ୍ପାଦକ ଥିବାରୁ ମୋର ପ୍ରିଜାଇଡିଂ ଅଫିସର ଭାବେ ଡ୍ୟୁଟି ପଡିଥାଏ। ସମ୍ପାଦକ ବାବୁ ଫୋନରେ ଡାକି ଅଫିସ ଅର୍ଡରଟି ଧରେଇଦେଲେ ମୋତେ।

ହେ ଭଗବାନ! ପୁଣି ଥରେ ଇଲେକ୍ସନ ଡ୍ୟୁଟି!! ପୁଣି ସେଇ କଷ୍ଟ!!!

'ନା....ନା... କ୍ୟାନ୍ସଲ କର ଏ ଅର୍ଡର। କ୍ୟାନ୍ସଲ କର.....' ଜୋରରେ ଚିଲ୍ଲେଇଲି ମୁଁ। କଣ ହେଲା କଣ ହେଲା କହି ଆର ରୁମରୁ ଦଉଡି ଆସିଲେ ମୋ ପୁଅ ଓ ଶ୍ରୀମତୀ। ଦାଉଁ କିନା ନିଦ ଭାଙ୍ଗିଗଲା ମୋର।

ଘଣ୍ଟାକୁ ଚାହିଁଲି। ସକାଳ ଆଠଟା ତିରିଶ। ଭଗବାନଙ୍କୁ ଧନ୍ୟବାଦ। ସ୍ୱପ୍ନ ଦେଖୁଥିଲି।

*ନୀଳାଚଳ ଇସ୍ପାତ ନିଗମ,*
*ଡୁବୁରୀ, ଯାଜପୁର*
*ଦୂରଭାଷ : ୯୮୬୧୧୯୧୩୮୦*











ଦେବରାଜ ବେହେରା
ଷ୍ଟାଣ୍ଡାର୍ଡ - ୧
ତପୋବନ ଏକାଡେମୀ
ସିରୋଳ, ଟିଟିଲାଗଡ, ବଲାଙ୍ଗିର

# କବିତାର କଥା

(ଭାଗ-୯୦)



**ଉମାକାନ୍ତ ରାଉତ**



## ଗୋପାର ପ୍ରଶ୍ନାକୁଳତା ପାଖରେ କୃଚ୍ଛ୍ର ସାଧନା ତୁଚ୍ଛ

କବି ସତ୍ୟବାଦୀ ରାଉତଙ୍କ ଘର। ଆମେ ଦୁହେଁ, କବି ବାଦଲ୍ ଓ ମୁଁ। ଆମକୁ ପାଇ ଗଦ ଗଦ କବି। ପ୍ରଗଳଭ ଭାବେ ଚାଲିଛି କବତା ସମ୍ପର୍କିତ କଥୋପକଥନ। କବି ଡାକ ପକେଇଲେ ସେ ସମୟରେ ଘରେ ଉପସ୍ଥିତ ଥିବା ଅନ୍ୟ ସଦସ୍ୟମାନଙ୍କୁ, ଯଥା - ବୋହୂ, ନାତିନାତୁଣୀ।

- ଏମାନେ କବି ବାଦଲ୍ ମହାନ୍ତି ଓ ଉମାକାନ୍ତ ରାଉତ,ଅରୂପ। ଭୁବନେଶ୍ୱରରୁ ଆସିଛନ୍ତି। ପ୍ରଣାମ କର।

ସମସ୍ତେ ଆଣ୍ଠେଇ ପାଦ ଛୁଇଁ ପ୍ରଣାମ କଲେ।

ଇଏ ହେଲା କବି ସତ୍ୟବାଦୀଙ୍କ ପ୍ରଦତ୍ତ ସଂସ୍କାର। ତାପରେ, ସେଠାରେ କୋଟିନିଧି ମିଳିଗଲା ପରି ତାଙ୍କର ଆଦର, ଅଭ୍ୟର୍ଥନା ଓ ଜୋର୍ କରି ଖାଇବା ପିଇବାର ଆୟୋଜନ ଆଦି ଆତ୍ମିୟତା କଥା ବଖାଣି ଆଲେଖକୁ ଆଉ ଅଧିକ ପ୍ରଲମ୍ବିତ ନକରି ଏବେ ପ୍ରବେଶ କରୁଛି ତାଙ୍କର ସ୍ୱାଭାବିକ ସୃଜନ ସଂଭାରର ଚଉହଦୀକୁ।

ତାଙ୍କର ପ୍ରତିଟି ବହିର ନାମ ଗୋଟେ ଗୋଟେ କବିତା। ସିଏ 'ନଈରେ ନଈଏ ପାଣି, ମାଛ ପରି ପହଁରୁଛି ଜହ୍ନ' ହେଉ 'ସହି! ତୋ ଗାଁ ମୋ ଗାଁ ଦୋସମାଳିରେ ନଈ' ହେଉ, 'ଗେଣ୍ଡାଳିଆ ଡେଣା ତଳେ ବଳକା ସୂର୍ଯ୍ୟାସ୍ତ' ହେଉ କି 'ଏଇ ନଈ ଥିବ ମୁଁ ନଥିବି' ହେଉ। ନାମ ଗୁଡ଼ିକର ଲାଳିତ୍ୟ ହିଁ ତାଙ୍କ କାବ୍ୟିକ ପରାକାଷ୍ଠାର ସୂଚକ।

କବିତା କଥା କ'ଣ ବା କହିବି? ଏକେରୁ ବଳି ଆରେକ ଆହୁରି କମନୀୟ ଓ ଶକ୍ତିଶାଳୀ। ସବୁ ନହେଲେ ବି ତାଙ୍କ କବିତା ସମଗ୍ରର କେଇଟି କବିତାକୁ ସାମର୍ଥ୍ୟମତେ ବ୍ୟବଚ୍ଛେଦ କଲେ କାବ୍ୟିକ ପ୍ରତିବେଦନ ଅନୁପନ୍ଥୀ ତାଙ୍କର ସହଜାତ ଅନନ୍ୟ କାବ୍ୟିକ ପ୍ରତିଭାକୁ ପରିଷ୍କାର ବୁଝିହୁଏ।

ଶିଶା ଅକ୍ଷର ପ୍ରେସ୍‌ରେ ଛପା ବିଶିଷ୍ଟ ଚିତ୍ରଶିଳ୍ପୀ ଛନ୍ଦାଚରଣ ଆଚାର୍ଯ୍ୟଙ୍କ କରକମଳ ଶୋଭିତ ତାଙ୍କର ପ୍ରଥମ ସଂକଳନ 'ନଈରେ ନଈଏ ପାଣି, ମାଛ ପରି ପହଁରୁଛି ଜହ୍ନ'ର ପ୍ରଥମ କବିତା 'ଗୋପା'କୁ ନିଆଯାଉ। ତାଙ୍କ ଶବ୍ଦ ବସାଣର ବାଗ, କବିତାରେ କଥା କହିବାର ନିଆରା ଢଙ୍ଗ ଏବଂ ଧାଡ଼ି ଗୁଡ଼ିକୁ ପଢ଼ିଲା ବେଳେ ସେଥିରୁ ଅଧିକାଂଶ ଧାଡ଼ି କାବ୍ୟମୋଦୀର ପାଠକଟିଏକୁ ତା'ର ଅଜାଣତରେ ଗହୀରରୁ ଗହୀରତମ ଗଣ୍ଡଯାଏଁ ଘୁରେଇ ଘୁରେଇ ବୁଡ଼େଇ ଦେଉଥିବାର କୁହୁକ ତାଙ୍କୁ ଭିଡ଼ ଭିତରୁ ଏକ ସ୍ୱତନ୍ତ୍ର ସ୍ରଷ୍ଟା ଭାବେ ପରିଚୟ ଦିଏ। ତାଙ୍କର ପ୍ରତିଟି କବିତାର ସାମଗ୍ରୀକ ଆବେଦନ ହୃଦୟକୁ ଏତେ ମାତ୍ରାରେ ଅନୁରଣିତ କରେ ଯେ ଆପଣ ମନ୍ତ୍ରମୁଗ୍ଧଭାବେ ବଶ ହେବାକୁ ବାଧ୍ୟ। 'ଗୋପା' କବିତାର ପ୍ରଥମ ପଂକ୍ତିଟିକୁ ଦେଖନ୍ତୁ-

'ଯା ଭିତରେ ନିରଞ୍ଜନା ନଈ ମାନିନି କୂଳ
ଡେଇଁଲା ଥରେ ନୁହେଁ ବାରଥର
ବିଶ୍ୱାସର ଗାର।'

ଏହି ପଦ ଭିତରେ ଛୁପି ରହିଥିବା ଶୋକଗୀତ (elegy)ର ରହସ୍ୟ (suspence)କୁ ଭେଦ କଲେ ଆପଣ ମାନସ ଚକ୍ଷୁରେ ଉଚ୍ଛ୍ୱସିତ ଭାବ ବ୍ୟକ୍ତ କରୁଥିବା ଏକ ଛନ୍ଦମୟ କବିତା (ode)ର ଉପସ୍ଥିତିକୁ ଅନୁଭବ କରିପାରିବେ। ଏହା ହିଁ ସତ୍ୟବାଦୀୟ ସୃଜନର ବିଶେଷତ୍ୱ ଓ ଚମତ୍କାରିତା, ଯାହାକି ଆପଣଙ୍କୁ ଗୋଟେ ବୁଢିଆଣୀ ଜାଲର ସୂତାରେ ଛନ୍ଦିଦେବ, ଯେଉଁଠୁ ମୁକୁଳିବାର ସବୁ ରାହା ବନ୍ଦୀ!

ପୁଣି ଦେଖନ୍ତୁ -

'ପତ୍ରର ଶବ୍ଦ ତୁମକୁ ଶୁଭେ କି ପ୍ରକାର!
ବାରବରଷ କିମିତି ବିତିଲା ଏଠି?
ମୁହଁରେ ହଠାତ୍ କିମିତି ବଦଳେ ପାଗ
ଝଡ଼ କିମିତି ବହୁଥାଏ ବିନା ଇସାରାରେ
ପୂବେଇ ଉଠାଣ କେମିତି ବର୍ଷେ
ବିନା ଆଷାଢରେ!'

ମୋ ଦୃଷ୍ଟିରେ ଯା ଭିତରେ ଗୋଟେ କ୍ୱଭକ୍ସ-ଙ୍କବସ୍ୱକ୍ଟକ୍ତକ୍ଟରସବ ଛୁପି ରହିଲା ଭଳି ଲାଗିଲା! ପ୍ରତ୍ୟେକ୍ଷ ଭାବେ ଧ୍ୱନିର ଅନୁକରଣରେ ଉଚିତ୍ ଶବ୍ଦର ଚୟନକୁ ଏପଦର ଶବ୍ଦଚୟନ ବଳିଗଲାପରି ମୋତେ ଲାଗିଲା।

ବାର ବର୍ଷ ଧରି ଉପର ମୁଣ୍ଡରୁ ଛାଡୁ ନଥିବା ଝଡ଼ି ଯୋଗୁଁ ଗର୍ଭିଣୀ ବଉଦ ସାଜିଯାଇଥିବା ଗୋପା ଆଖିର ପ୍ରଶ୍ନାକୁଳତା ଭିତରେ କବି ପ୍ରେମର ଯେଉଁ ଅପ୍ରତିହତ ପରାକାଷ୍ଠା ଥୋଇଦେଇଛନ୍ତି ତାହା ନିରଂଜନା ନଦୀ କୂଳର ଅଶ୍ୱତ୍ଥ ଗଛ ମୂଳରେ ଆଖିବୁଜି ବସିଥିବା ସିଦ୍ଧାର୍ଥ ଗୌତମଙ୍କ ସମସ୍ତ କୃଚ୍ଛ୍ର ସାଧନାକୁ ଅଶ୍ୱତ୍ଥ ଡେମ୍ଫରୁ ପବନ ସାଉଁଳୁଥିବା ହଳଦୀଆ ପତ୍ରପରି ତୁଚ୍ଛ କରି ମାନବୀୟ ରୀତିଚଳନର ଜୟଜୟକାର କରିଛି। ସେଥିପାଇଁ ଗୋପା ମୁହଁରେ କବି କୁହାଇଛନ୍ତି -

'ଆଜି ନିରଞ୍ଜନାକୁ ପଚାରୁନ
ସେ ନଈରେ କେତେ ଲୁହ ବହେ
ବଢ଼ିଲା ନଈରେ ଲୁହ ଆଉ ପାଣିର
ଅନୁପାତ କେତେ?
(ପୋଷେ ପାଣିରେ ପୋଷେ ଲୁହ)
ବହି ଯାଉଥିବା ପାଣିକୁ ପଚାରୁନ
ସେ ଲୁହ କାହାର?'


ତାଙ୍କ କବିତାରେ ମେଟାଫର୍, ସିମିଲି, ଏଲିଜି ଓ ଓଡେର ଉପସ୍ଥିତି ଏତେ ସୂକ୍ଷ୍ମ ଓ ସୁନ୍ଦରଭାବେ ନେସି ହୋଇଯାଇଛି ଯେ ସମୁଦ୍ର କୂଳିଆ ସାଇଁ ସାଇଁ ଝାଉଁ ବଣର ପବନ ତା ଆଗରେ ମ୍ରିୟମାଣ। ଏଇ ଯେମିତି -

'ମୋ' ଫୁଲ ଫସଲ କିଆରିରେ
ଚରିଗଲା ପଙ୍ଗପାଳ ଶୋକ
ତମକୁ ଜମା କଥା କହିବିନି, ତ୍ରିବାର ସତ୍ୟ'

*(କ୍ରମଶଃ)*

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

# ମହାନ ମାନବତାବାଦୀ ରାଷ୍ଟ୍ରଗୌରବ ମହାରାଜା ଶ୍ରୀ ଅଗ୍ରସେନ






*ସମ୍ପତ୍ କୁମାର ଅଗ୍ରୱାଲ*

ବ୍ୟକ୍ତି , ସମାଜ, ରାଷ୍ଟ୍ର ଏବଂ ବିଶ୍ୱ ର ଉନ୍ନତି ମୁଖ୍ୟତଃ ଚାରୋଟି ସ୍ତମ୍ଭ ଉପରେ ନିର୍ଭର କରିଥାଏ। ସେଗୁଡିକ ହେଲା ଆର୍ଥିକ, ରାଜନୈତିକ, ସାଂସ୍କୃତିକ, ସାମାଜିକ। ଏହି ଚାରି ସ୍ତମ୍ଭକୁ ସୁଦୃଢ଼ କରି ଉନ୍ନତ ସମାଜର ନବନିର୍ମାଣ ପାଇଁ ଭିତିଭୂମୀ ତିଆରି କରିବା ମହାରାଜା ଶ୍ରୀଅଗ୍ରସେନଙ୍କ ଜୀବନ ଦର୍ଶନ ରହିଥିଲା। ଯାହାକି 'ସର୍ବଲୋକ ହିତ ଧର୍ମମ୍' ର ମାର୍ଗ ପ୍ରଶସ୍ତ କରିଥିଲା। ଦିବ୍ୟଜ୍ଞାନର ପ୍ରକାଶ ସଂପୂର୍ଣ୍ଣ ବିଶ୍ୱରେ ସର୍ବପ୍ରଥମେ ଧର୍ମଭୂମୀ ଭାରତରୁ ହିଁ ବିସ୍ତାରିତ ହୋଇଥିଲା। ଈଶ୍ୱରଙ୍କ ବିଭିନ୍ନ ଅବତାର ଏବଂ ମହାପୁରୁଷମାନଙ୍କ ଜନ୍ମ ଓ କ୍ରୀଡାସ୍ଥଳୀ ରୂପେ ଭାରତଭୂମୀ ବିଖ୍ୟାତ ଅଟେ। ଏହି ପବିତ୍ର ଭୂମୀ ଉପରେ ଭଗବାନ ମର୍ଯ୍ୟାଦାପୁରୁଷ ଶ୍ରୀରାମ, ଶ୍ରୀକୃଷ୍ଣ, ମହାତ୍ମା ଗୌତମ ବୁଦ୍ଧ, ଭଗବାନ ମହାବୀର, ସନ୍ଥ କବୀର ଭଳି ମହାପୁରୁଷମାନେ ଜନ୍ମଗ୍ରହଣ କରିଛନ୍ତି। ଏହିପରି ଏକ ମହାନ ବିଭୂତି ରାଷ୍ଟ୍ରଗୌରବ, ଆର୍ଯ୍ୟକୁଳ ଦିବାକର ମହାରାଜା ଶ୍ରୀଅଗ୍ରସେନଙ୍କ ଜନ୍ମ ପ୍ରାୟ ୫୨୦୦ ବର୍ଷ ପୂର୍ବେ ହୋଇଥିଲା। ଋଷିମାନଙ୍କ ବୈଦିକ ପରମ୍ପରା ଦ୍ୱାରା ପ୍ରଭାବିତ ହୋଇ ସମାଜବାଦର ପ୍ରଣେତା ମହାରାଜା ଶ୍ରୀଅଗ୍ରସେନ ମହାଭାରତର ପରବର୍ତ୍ତି ସମୟରେ ଲୁପ୍ତ ହୋଇଯାଉଥିବା ସଂସ୍କୃତି, ଜର୍ଜରିତ ହେଉଥିବା ସାମାଜିକ ଓ ଆର୍ଥିକ ବ୍ୟବସ୍ଥାର ପୁନଃ ଉଦ୍ଧାରର ସଂକଳ୍ପ ନେଇଥିଲେ। ମହାରାଜା ଶ୍ରୀଅଗ୍ରସେନ ବେଦରେ ବର୍ଣ୍ଣିତ ଧର୍ମାଚରଣ ଏବଂ ରାଜଧର୍ମର ନିର୍ବାହ କରିବା ସହିତ ୧୮ଟି ମହାଯଜ୍ଞର ଆୟୋଜନ କରି ସିଦ୍ଧି ହାସଲ କରିଥିଲେ , ଯାହା ବଳରେ ସେ ପରବର୍ତ୍ତି ସମୟରେ ଅନେକ ଲୋକହିତକାରୀ କାର୍ଯ୍ୟ କରିପାରିଥିଲେ। ନିଜ ରାଜ୍ୟକୁ ସର୍ବ ସୁଖ ସମୃଦ୍ଧି ଦ୍ୱାରା ପରିପୂର୍ଣ୍ଣ କରିଥିଲେ। ମହାରାଜା ଶ୍ରୀଅଗ୍ରସେନ ନିଜ ରାଜ୍ୟରେ "ସର୍ବେ ଭବନ୍ତୁ ସୁଖିନଃ" ଚିନ୍ତାଧାରାରେ ଧର୍ମାଚରଣ, ସମୃଦ୍ଧି ଓ ସୁଶାସନର ଗଂଗା ପ୍ରବାହିତ କରିଥିଲେ।

ବେଦ ଅନୁଯାୟୀ ଆଦର୍ଶ ମହାପୁରୁଷ ମହାରାଜା ଶ୍ରୀଅଗ୍ରସେନ ଅର୍ଥବ ବେଦର ମହାମନ୍ତ୍ର "ଶତହସ୍ତ ସମାହାର, ସହସ୍ର ହସ୍ତ ସଂକିର" (ଅର୍ଥାତ୍ ହେ ଦୁଇ ହସ୍ତଧାରୀ, ତୁମେ ଶତହସ୍ତ ଭାବେ କୃଷି , ପଶୁପାଳନ, ବ୍ୟବସାୟ କରି ପ୍ରଚୁର ଧନ ଓ ଐଶ୍ୱର୍ଯ୍ୟ ପ୍ରାପ୍ତ କର ଏବଂ ସହସ୍ର ହସ୍ତଧାରୀ ଭାବେ ସମାଜ ଓ ରାଷ୍ଟ୍ରର ଉନ୍ନତି ପାଇଁ ଅଭାବଗ୍ରସ୍ତ, ଦୀନଦରିଦ୍ରଙ୍କ ସହାୟତା କର)ର ଭାବନାକୁ ଆଧାର କରି ଏକ ସମୃଦ୍ଧ ଓ ସୁଖି ସମାଜ ଗଠନ କରିବାକୁ ଆଗଭର ହେଲେ। ଏଥିପାଇଁ "ଗୋଟିଏ ଇଟା, ଗୋଟିଏ ଟଙ୍କା" ସିଦ୍ଧାନ୍ତର ଅୟମାରମ୍ଭ କରିଥିଲେ। ମହାରାଜା ଶ୍ରୀଅଗ୍ରସେନ ଏହିଭଳି "ଗୋଟିଏ ଇଟା, ଗୋଟିଏ ଟଙ୍କା" ସିଦ୍ଧାନ୍ତ ସଂପୂର୍ଣ୍ଣ ରୂପେ ସ୍ନେହ, ସଦ୍‌ଭାବନା, ସମତା, ସମ୍ମାନ, ସମକକ୍ଷତା, ସଂଗଠନ ଏବଂ ପୁର୍ନବାସର ଏକ ଅନନ୍ୟ ସିଦ୍ଧାନ୍ତ ଅଟେ। ଯାହାକି ଅଦ୍ୟାବଧି ଏକ ଐତିହାସିକ ଉଦାହରଣ ଓ ଭବିଷ୍ୟତ ପାଇଁ ପ୍ରେରଣାର ସ୍ରୋତ ଅଟେ।

ଏହି ଯୁଗସ୍ରଷ୍ଟା, ବୈଶ୍ୟ ସମାଜର ଆଦିପୁରୁଷ , ଅଗ୍ରୱାଲ ସମାଜର ଜନ୍ମଦାତା ଓ ସଂରକ୍ଷକ ପ୍ରାତଃ ସ୍ମରଣୀୟ ମହାରାଜା ଶ୍ରୀଅଗ୍ରସେନଙ୍କ ଜନ୍ମ ଭଗବାନ ମର୍ଯ୍ୟାଦା ପୁରୁଷୋତମ ଶ୍ରୀରାମଙ୍କ ୩୪ ତମ ପିଢ଼ୀରେ ସୂର୍ଯ୍ୟବଂଶୀ କ୍ଷତ୍ରୀୟ କୁଳର ମହାରାଜ ବଲ୍ଲଭସେନଙ୍କ ଘରେ ହୋଇଥିଲା। କୁହାଯାଏ ଦ୍ୱାପର ଯୁଗର ଅନ୍ତିମ ଚରଣରେ ଏବଂ କଳିଯୁଗର ପ୍ରାରମ୍ଭର ପ୍ରାୟ ୮୫ବର୍ଷ ପୂର୍ବେ, ଅର୍ଥାତ୍ ଆଜକୁ ୫୨୦୦ ବର୍ଷ ପୂର୍ବେ ଆଶ୍ୱିନ ଶୁକ୍ଳ ପ୍ରତିପଦାରେ ମହାରାଜା ଶ୍ରୀଅଗ୍ରସେନଙ୍କ ଜନ୍ମ ହୋଇଥିଲା।







ମହାରାଜ ବଲ୍ଲଭସେନ ଯେତେବେଳେ ନିଜ ଜ୍ୟେଷ୍ଠପୁତ୍ର ଅଗ୍ରସେନ ରାଜ୍ୟଭାର ଗ୍ରହଣ ପାଇଁ ସବୁ ଦିଗରୁ ସୁଯୋଗ୍ୟ ବୋଲି ଅନୁଭବ କଲେ , ସେତେବେଳେ ୨୫ ବର୍ଷ ବୟସ୍କ ଅଗ୍ରସେନଙ୍କୁ ନିଜ ରାଜ୍ୟ ଅଗ୍ରଜନପଦର ରାଜ୍ୟଭାର ଅର୍ପଣ କରିଥିଲେ। ପରେ ନିଜେ ବାନପ୍ରସ୍ଥ ଗ୍ରହଣ କରି ତପସ୍ୟା କରିବାକୁ ଚାଲିଗଲେ। ଯେତେବେଳେ ଦେଶବିଦେଶରେ ରାଜାମାନେ ନିଜର ପ୍ରତିପତି ବଢ଼ାଇବା ପାଇଁ ଯୁଦ୍ଧରେ ବ୍ୟସ୍ତ ରହିଥିଲେ, ସର୍ବତ୍ର ଅଶାନ୍ତି, ଅରାଜକତା, ଖାଦ୍ୟାଭାବ, ଦାରିଦ୍ରତା ଦେଖାଦେଇଥିଲା, ସେତେବେଳେ ଆବଶ୍ୟକତାଥିଲା ଜଣେ ଯୁଗାବତାରୀ ମହାପୁରୁଷଙ୍କ, ଯିଏ ଏ ସମସ୍ତ ଅବ୍ୟବସ୍ଥା ଦୂର କରି ରାଷ୍ଟ୍ରର ପୁନଃନିର୍ମାଣ କରିପାରିବ। ମହାରାଜା ଶ୍ରୀଅଗ୍ରସେନ ସମୟର ଓ ସମାଜର ଆବଶ୍ୟକତାକୁ ଅନୁଭବ କରି ସନାତନ ବୈଦିକ ବ୍ୟବସ୍ଥା ଅନୁସାରେ ସମାଜରେ ଏକ ସଂଗଠନର ସ୍ଥାପନା କଲେ। ଯେଉଁ ସଂଗଠନ ରାଷ୍ଟ୍ରିୟ ସୁରକ୍ଷା ସାଙ୍ଗକୁ କୃଷି, ଉଦ୍ୟୋଗ, ବାଣିଜ୍ୟର ବିକାଶ ସାଙ୍ଗକୁ ଲୋକତାନ୍ତ୍ରୀକ ଏବଂ ସମାଜବାଦୀ ବ୍ୟବସ୍ଥାର ନିର୍ବାହ କରିବା ସହ ନୈତିକ ମୂଲ୍ୟର ପୁନଃ ପ୍ରତିଷ୍ଠା ସହ ଶାନ୍ତି ସ୍ଥାପନା କରିପାରିଥିଲା।

ସେ ସମୟରେ ଧର୍ମ, ସିଦ୍ଧି, ସୁଖ, ସମୃଦ୍ଧି ଏବଂ କାର୍ଯ୍ୟସିଦ୍ଧି ପାଇଁ ରାଜା ମହାରାଜା ମାନେ ଧର୍ମ ଅର୍ଜନ ନିମନ୍ତେ ବଡ ବଡ ଯଜ୍ଞ ଏପରିକି ଅଶ୍ୱମେଧ ଆଦି ଯଜ୍ଞମାନ ଆୟୋଜନ କରୁଥିଲେ। ମହାରାଜ ଅଗ୍ରେସନ ମଧ୍ୟ ମାନବ କଲ୍ୟାଣ ହେତୁ ୧୮ ଟି ଯଜ୍ଞର ଆୟୋଜନ କରିଥିଲେ। ୧୭ ଟି ଯଜ୍ଞ ସଂପୁର୍ଣ୍ଣ ବିଧି- ବିଧାନ ସମାପ୍ତ ହେବାପରେ ୧୮ ତମ ଯଜ୍ଞର ପ୍ରଥମ ପର୍ଯାୟରେ ମହାରାଜାଙ୍କର ଜ୍ଞାନୋଦୟ ହୋଇଥିଲା , ସେ ହୃଦବୋଧ କଲେଯେ ଯଜ୍ଞରେ ଦିଆଯାଉଥିବା ପଶୁ ବଳୀ ହିସଂାରୂପୀ ପାପ ଅଟେ। ସେ ୧୮ ତମ ଯଜ୍ଞ ବିନା ପଶୁବଳୀରେ ସଂପୂର୍ଣ୍ଣ କରିଥିଲେ। ମୂକ ଓ ନିରିହ ପଶୁ ମାନଙ୍କର ହତ୍ୟା କରାଯିବା ଅନୁଚିତ ଅନୁଭବ କରି ବଂଶଜ ଏବଂ ରାଜ୍ୟବାସୀଙ୍କୁ ଜୀବହତ୍ୟା ବନ୍ଦ କରିବା ସହ ଅଂହିସାର ମନ୍ତ୍ର ପ୍ରଦାନ କରିଥିଲେ । କ୍ଷତ୍ରୀୟ ମହାରାଜା ଶ୍ରୀଅଗ୍ରସେନଙ୍କ ଏହି ମହତ୍ୱପୂର୍ଣ୍ଣ ବିଚାରର ପ୍ରଭାବ ବୈଶ୍ୟଜାତି ଉପରେ ମଧ୍ୟ ଗଭୀର ପ୍ରଭାବ ପକାଇଥିଲା।

ମହାରାଜଙ୍କ ବିଚାରଧାରାର ପ୍ରଭାବରେ ହିଁ ଆଜି ଅଗ୍ରୱାଲା ସମାଜ ଶାକାହାରୀ, ଅଂହିସାବାଦୀ ଏବଂ ଧର୍ମପରାୟଣ ଜାତି ରୁପେ ପ୍ରତିଷ୍ଠା ଲାଭ କରିଛି।




*ଦୂରଭାଷ : ୯୯୩୭୦୬୦୧୯୬*

# ଓଡ଼ିଆ ପିଲାଙ୍କ ଆତ୍ମବିଶ୍ୱାସ ବଢ଼ାଇ ଆନ୍ତର୍ଜାତିକ ସ୍ତରରେ ଉଦ୍ୟମୀ କରିବା ଆମର ଲକ୍ଷ୍ୟ : ଧର୍ମେନ୍ଦ୍ର

**ଭୁବନେଶ୍ୱର :** ପ୍ରଶିକ୍ଷଣ ମାଧ୍ୟମରେ ଓଡ଼ିଆ ପିଲାଙ୍କ ଆତ୍ମବିଶ୍ୱାସ ବଢ଼ାଇ ସେମାନଙ୍କୁ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ଉଦ୍ୟମୀ କରିବା ପାଇଁ ଭୁବନେଶ୍ୱରର ଜାତୀୟ ଦକ୍ଷତା ବିକାଶ ପ୍ରତିଷ୍ଠାନ(ଏସଡିଆଇ)କୁ ଅଧିକ ଭବ୍ୟ କରିବା କାମରେ ଆମର ଉଦ୍ୟମ ଜାରୀ ରହିଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଭୁବନେଶ୍ୱର ସ୍ଥିତ ଏହି ଦକ୍ଷତା ବିକାଶ କେନ୍ଦ୍ର ପରିସରରେ ୫୦ କୋଟି ଟଙ୍କା ବିନିଯୋଗରେ ନିର୍ମିତ ଭବ୍ୟ ଅଡିଟୋରିୟମର ଲୋକାର୍ପଣ କରିବା ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି। ସେ କହିଛନ୍ତି ସରକାରୀ ସ୍ତରରେ ଆଜି ଉଦଘାଟିତ ହୋଇଥିବା ଅନୁଷ୍ଠାନ ଓଡିଶାର ସର୍ବବୃହତ ଅଡିଟୋରିୟମ୍। ଏହି ଅଡିଟୋରିୟମର ନାମକରଣ 'ବକ୍ସି ଜଗବନ୍ଧୁ ଦକ୍ଷତା ବିକାଶ ସଭାଗାର'ରେ ନାମିତ କରିବା ପାଇଁ ଏସଡ଼ିଆଇ କର୍ତ୍ତୃପକ୍ଷଙ୍କୁ ଶ୍ରୀ ପ୍ରଧାନ ପ୍ରସ୍ତାବ ଦେଇଛନ୍ତି। ସେ କହିଛନ୍ତି ଏହି ପ୍ରଶିକ୍ଷଣ କେନ୍ଦ୍ର ବକ୍ସିଙ୍କ ନାମରେ ନାମିତ ହେଲେ ଏଠାରେ ପ୍ରଶିକ୍ଷଣ ନେଉଥିବା ଓଡ଼ିଆ ପିଲାମାନେ ବୀର ଓଡ଼ିଆ ଜାତିର ସଂସ୍କାରରେ ନିଜେ ଆଗକୁ ବଢିବା ପାଇଁ ପ୍ରେରିତ ହେବେ। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଯୁବପିଢିଙ୍କୁ ରୋଜଗାରକ୍ଷମ କରାଇବା ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଜନାକୁ ରାଜ୍ୟରେ କ୍ରିୟାନ୍ୱୟନ କରାଯାଉଛି। "ମୁଁ କେଉଁ ଗୁଣରେ ଆଇଆଇଟି, ଆଇଆଇଏମ ପିଲାଙ୍କ ଠାରୁ କମ୍ ନୁହେଁ"। ଓଡ଼ିଆ ପିଲାଙ୍କ ମଧ୍ୟରେ ଏହି ଆତ୍ମବିଶ୍ୱାସ ସହ ସାହସକୁ ଉଜ୍ଜିବୀତ କରିବା ପାଇଁ ଭୁବନେଶ୍ୱରରେ ଦକ୍ଷତା ବିକାଶ କେନ୍ଦ୍ରର କଳ୍ପନା କରାଯାଇଛି। ଏହା ଦ୍ୱାରା ଏବେ ଅନେକ ଓଡ଼ିଆ ପିଲା ମାଗଣାରେ ଶିକ୍ଷା ଓ ପ୍ରଶିକ୍ଷଣ ସହ ଉପଯୁକ୍ତ ସୁବିଧା ପାଇପାରୁଛନ୍ତି। ଶ୍ରେଣୀଗୃହ ସହ ଛାତ୍ରବାସ, ଖେଳ ପଡ଼ିଆ, ଲ୍ୟାବ, ଥିଏଟର ଭଳି ଅତ୍ୟାଧୁନିକ ସୁବିଧା କରାଯାଇଛି। ଏହାସହ ଅଡିଟୋରିୟମରେ ଏକକାଳୀନ ୧୨୦୦ ଲୋକମାନେ ବସିବାର ବ୍ୟବସ୍ଥା କରାଯାଇଛି। ଯେଉଁ କାମରେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ସହଯୋଗୀ ହୋଇଛି। ସୁଯୋଗ ମିଳିଲେ ଓଡ଼ିଆ ପିଲାମାନେ ଚନ୍ଦ୍ରପୃଷ୍ଠରେ ପହଞ୍ଚିବାକୁ ସମର୍ଥ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳ୍ପନାରେ ଆଗାମୀ ଦିନରେ ଏହି କ୍ୟାମ୍ପସକୁ ବିଶ୍ୱର ଅଗ୍ରଣୀ ଅନୁଷ୍ଠାନ କରିବା ପାଇଁ ଅଧିକ ଉଦ୍ୟମ କରାଯିବ। ରାଜ୍ୟ ଓ ରାଜ୍ୟ ବାହାରେ ଥିବା ଶିକ୍ଷାନୁଷ୍ଠାନ, ବିଦେଶରେ ଥିବା ସର୍ଭିସ ଇଣ୍ଡଷ୍ଟ୍ରି ଆଧାରିତ ଦକ୍ଷତା ଆଧାରିତ ପ୍ରଶିକ୍ଷଣ ପିଲାଙ୍କୁ ଦିଆଯିବ। ଦେଶରେ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ୫ଜି ଟେକ୍ନୋଲୋଜି ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତି ଗାଁକୁ ହାଇସ୍ପିଡ ଇଣ୍ଟରନେଟ୍ ସହ ଯୋଡ଼ିବାର କଳ୍ପନା ବିଶ୍ୱରେ ନୂଆ କ୍ରାନ୍ତି ଆଣିବ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଆ ପିଲାମାନେ ଦାଦନ ଖଟିବା ପାଇଁ ନୁହେଁ ବରଂ ବାହାରକୁ ଯାଇ ମାଲିକ ହେବାର ସ୍ୱପ୍ନ ଦେଖିବା ଉଚିତ୍। ସେହିପରି ଆଗାମୀ ଦିନରେ ଡିଜିଟାଲ ବିଶ୍ୱବିଦ୍ୟାଳୟ ହେବ, ଯାହା ଦ୍ୱାରା ଯୁବପିଢିମାନେ ଉପକୃତ ହୋଇପାରିବେ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।



# 'ଦଳୀୟ ପ୍ରଚାରରେ ଏସ୍‌ଏଚଜିଙ୍କୁ ବ୍ୟବହାର କରୁଛନ୍ତି ରାଜ୍ୟ ସରକାର'

**ଭୁବନେଶ୍ୱର :** ମିଶନଶକ୍ତିର ଉଦ୍ଦେଶ୍ୟ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରାଇ ସେମାନଙ୍କ ଦକ୍ଷତା, କ୍ଷମତା, ଆର୍ଥିକ ସ୍ୱଚ୍ଛଳତା ବୃଦ୍ଧି କରିବା। କିନ୍ତୁ ଓଡ଼ିଶାରେ ମିଶନଶକ୍ତି ପଥଭ୍ରଷ୍ଟ ହୋଇଛି। ଏକତଃ ଓଡ଼ିଶାରେ ନାରୀ ସୁରକ୍ଷିତ ନୁହନ୍ତି। ଅନ୍ୟ ପକ୍ଷରେ ନାରୀ ସଶକ୍ତିକରଣ ନାଁରେ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ ଶାସକ ବିଜୁ ଜନତା ଦଳର କର୍ମୀଭାବେ ବ୍ୟବହାର କରାଯାଉଛି ବୋଲି ଭାରତୀୟ ଜନତା ମହିଳା ମୋର୍ଚ୍ଚାର ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଅତୀତରେ ଅନେକ ସମୟରେ ଶାସକ ଦଳର ଦଳୀୟ ସଭାସମିତି, ସରକାରୀ ସଭା ଓ ନିର୍ବାଚନ ସମୟରେ ମଧ୍ୟ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ ବିଜୁ ଜନତା ଦଳର ଦଳୀୟ ରଙ୍ଗ ସବୁଜ ଶାଢ଼ି ପିନ୍ଧାଇ ଦଳୀୟ ପତାକା ଧରାଇ ଦଳୀୟ କର୍ମୀଭାବେ ତାଙ୍କୁ ବ୍ୟବହାର କରାଯାଉଥିବାର ଅନେକ ନଜିର ରହିଛି। ଏପରିକି ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାର ପଦାରେ ପଡିଯିବା ସମୟରେ ତଥା ଦୁଷ୍କର୍ମ, ହତ୍ୟା, ଅପରାଧ ଘଟଣାରେ ସଂପୃକ୍ତ ମନ୍ତ୍ରୀ, ବିଧାୟକମାନଙ୍କର ଅପରାଧ ଘଟଣାକୁ ଘଣ୍ଟ ଘୋଡାଇବା ଉଦ୍ଦେଶ୍ୟରେ ସରକାରଙ୍କ ଅନ୍ୟାୟ, ଅନିତୀ ସପକ୍ଷରେ ପ୍ରାୟୋଜିତ ସଭାସମିତିରେ ତାଙ୍କୁ ଛିଡା କରାଇବାକୁ ପଛାଉନାହାନ୍ତି ରାଜ୍ୟ ସରକାର ବୋଲି ଶ୍ରୀମତୀ ପଟ୍ଟନାୟକ ଆକ୍ଷେପ କରିଛନ୍ତି। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କ ପାଇଁ କୌଣସି ୟୁନିଫର୍ମ ଶାଢ଼ି ବା ପୋଷାକ ପିନ୍ଧିବାର ବ୍ୟବସ୍ଥା ଦେଶର ଆଇନରେ ନଥିବାବେଳେ ସେମାନଙ୍କୁ ସବୁଜ ରଙ୍ଗର ଶାଢ଼ି ପିନ୍ଧେଇବା ପାଇଁ ଓଡ଼ିଶା ମିଶନଶକ୍ତିକୁ ଅଧିକାର ଦେଲା କିଏ ବୋଲି ଶ୍ରୀମତୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ସ୍ୱୟଂ ସହାୟିକା ଗୋଷ୍ଠୀଙ୍କର ଦକ୍ଷତା ବିକାଶ ନିମନ୍ତେ ତାଙ୍କୁ ବିଭିନ୍ନ କ୍ଷେତ୍ରପାଇଁ ପ୍ରଶିକ୍ଷିଣ ଦିଆ ଯାଉନାହିଁ। ଅଥଚ ସେମାନଙ୍କୁ ମିଶନଶକ୍ତିର ସଭା ନାଁରେ ସରକାରୀ ଖର୍ଚ୍ଚରେ ସଭାକୁ ଡାକି ମନ୍ତ୍ରୀ, ବିଧାୟକମାନେ ତାଙ୍କ ସମ୍ମୁଖରେ ବିଜୁ ଜନତା ଦଳର ଗାଥା କେବଳ ଗାଉଛନ୍ତି। 'ଆମେ ନବୀନ ବାବୁଙ୍କ ଫ୍ୟାନ' କେତେବେଳେ ଅପରାଧର ସଂପୃକ୍ତ ଥିବା ଅନ୍ୟ ବିଜେଡି ନେତାଙ୍କ ଫ୍ୟାନ ବୋଲି ସେମାନଙ୍କ ମୁହଁରେ କୁହାଉଛନ୍ତି। ଏହାଦ୍ୱାରା ତାଙ୍କର କେଉଁ ଦକ୍ଷତାର ବିକାଶ ହେଉଛି ବୋଲି ରାଜ୍ୟ ସରକାର ସାଧାରଣରେ ଜବାବ ରଖିବା ପାଇଁ ଶ୍ରୀମତୀ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି। ପ୍ରକାଶଥାଉ କି, ସମାଜର ସୁରକ୍ଷା ଏବଂ ସଭ୍ୟ ସମାଜ ନିର୍ମାଣରେ ନାରୀର ଅବଦାନ ଅବର୍ଣ୍ଣନୀୟ। ନାରୀର ସୁରକ୍ଷା ଏବଂ ସଶକ୍ତିକରଣ ହେଲେ ଦେଶର ଉନ୍ନତି ଘଟିବ। ତେଣୁ ନାରୀଙ୍କୁ ସ୍ୱତନ୍ତ୍ର କରିବା ଏବଂ ତାଙ୍କୁ ଆତ୍ମନିର୍ଭରଶୀଳ କରିବା ଲାଗି ଭାରତ ସରକାର ସର୍ବଦା ତତ୍ପର। ଏଥିପାଇଁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ନିର୍ମାଣ ଓ ସଶକ୍ତିକରଣ ପାଇଁ ଗୋଷ୍ଠୀ ଗୁଡିକୁ ପ୍ରଥମେ ପ୍ରଶିକ୍ଷଣ, ପ୍ରୋତ୍ସାହନ ଓ ସ୍ୱଳ୍ପ ସୁଧରେ ବ୍ୟାଙ୍କ ଋଣ ସୁବିଧା ଯୋଗାଇ ଆତ୍ମନିର୍ଭରଶୀଳ କରିବାର ଉଦ୍ୟମ କରାଯାଇଛି। ସେଥିପାଇଁ କେନ୍ଦ୍ର ସରକାର ଅନେକ ଯୋଜନା, ଅର୍ଥ ବ୍ୟବସ୍ଥା କରିଥିବାବେଳେ ଓଡ଼ିଶାରେ ରାଜ୍ୟ ସରକାର ମିଶନଶକ୍ତିକୁ ଅପବ୍ୟବହାର କରୁଛନ୍ତି। ମିଶନଶକ୍ତି ମାଧ୍ୟମରେ ପ୍ରଶାସନିକ ଚାପ ପ୍ରୟୋଗ କରି ମହିଳା ସ୍ୱୟଂସହାୟିକା ଗୋଷ୍ଠୀମାନଙ୍କୁ ଦଳୀୟ କାର୍ଯ୍ୟରେ ଲିପ୍ତ କରି ବିଜୁ ଜନତା ଦଳର ସଭାସମିତିକୁ ସଶକ୍ତ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଅଗଣତାନ୍ତ୍ରିକ ବୋଲି ଶ୍ରୀମତୀ ପଟ୍ଟନାୟକ କହିଛନ୍ତି। ଯାହାକି ଓଡ଼ିଶାର ନାରୀଶକ୍ତିର ଦକ୍ଷତା ଓ ମାନସିକତାକୁ ସଂକୁଚିତ କରି ତାଙ୍କୁ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଗଣ୍ଡି ଭିତରେ ସୀମାବଦ୍ଧ କରି ରଖିବାର ଅପଚେଷ୍ଟା କରୁଛନ୍ତି ରାଜ୍ୟ ସରକାର। ଶୁଣାଯାଉଛି ତରବରିଆଭାବେ ଆସନ୍ତା ୮ତାରିଖରେ ନିମାପଡାଠାରେ ମିଶନଶକ୍ତି ମାଧ୍ୟମରେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀଙ୍କର ଏକ ସଭା କରିବାକୁ ଡାକିଛନ୍ତି ରାଜ୍ୟ ସରକାର। ନଗଦରେ ଜିଲ୍ଲା ପରିଷଦ ସଭ୍ୟ ସ୍ୱର୍ଗତଃ ଧର୍ମେନ୍ଦ୍ର ସାହୁଙ୍କ ଆତ୍ମହତ୍ୟା ଘଟଣା ପଛରେ ଗଣଶିକ୍ଷାମନ୍ତ୍ରୀଙ୍କ ସଂପୃକ୍ତି ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ ସେଥିରେ ପାଣିପକାଇ ମନ୍ତ୍ରୀ ସମୀର ଦାଶଙ୍କୁ ଘଣ୍ଟ ଘୋଡାଇବାର ଅପପ୍ରୟାସ କରୁଛି ବିଜେଡି ସରକାର। ରାଜନୈତିକ ଉଦ୍ଦେଶ୍ୟରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ବ୍ୟବହାର କରାନଯାଉ ଏବଂ ଏଭଳି ରାଜନୈତିକ ଉଦ୍ଦେଶ୍ୟରେ ହେଉଥିବା ସଭା ସମିତିରୁ ଓଡ଼ିଶା ମିଶନଶକ୍ତି ଦୂରେଇ ରହିବାକୁ ଶ୍ରୀମତୀ ପଟ୍ଟନାୟକ କଡା ଚେତାବନି ଦେଇଛନ୍ତି।





# ବନ୍ୟ ପ୍ରାଣୀଙ୍କ ସୁରକ୍ଷା ଆମ ଦାୟିତ୍ୱ : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** କମିବ ହାତୀ-ମଣିଷ ଲଢେଇ। ହାତୀ ମଣିଷ ଲଢ଼େଇ ଦୂର ପାଇଁ ଗଠନ ହୋଇଛି ଗଜସାଥୀ। ଏବେ ୮୦୦ ଗ୍ରାମର ଲୋକଙ୍କୁ ଏଥିରେ ସାମିଲ କରାଯାଇଛି। ୬୮ତମ ବନ୍ୟାପ୍ରାଣୀ ସପ୍ତାହ ପାଳନ ଅବସରରେ ଏହି ଘୋଷଣା କରିଛନ୍ତି ରାଜ୍ୟ ସରକାର। ମୁଖ୍ୟଅତିଥି ଭାବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, 'ସୁସ୍ଥ ପରିବେଶରେ ମଣିଷ ବଞ୍ଚିବାର ଯେଭଳି ଅଧିକାର ରହିଛି, ସେହିପରି ପ୍ରତ୍ୟେକ ଜୀବଜନ୍ତୁଙ୍କର ମଧ୍ୟ ସମାନ ଅଧିକାର ରହିଛି। ଜୀବଜନ୍ତୁଙ୍କ ସୁରକ୍ଷା ଆମ ସମସ୍ତଙ୍କର ଦାଇତ୍ୱ। ସେ ଆହୁରି କହିଛନ୍ତି, ବନ୍ୟପ୍ରାଣୀ ଅଭୟାରଣ୍ୟରେ ଓଡ଼ିଶା ଏକ ସମୃଦ୍ଧ ରାଜ୍ୟ। ବନ୍ୟଜନ୍ତୁ ଜନିତ ଅପରାଧ ରୋକିବା ପାଇଁ ଯୁଗ୍ମ ଟାସ୍କ ଫୋର୍ସ ଗଠନ କରାଯାଇଛି। ନନ୍ଦନକାନନକୁ ଆନ୍ତର୍ଜାତିକ ପ୍ରାଣୀ ଉଦ୍ୟାନ କରିବା ପାଇଁ ମାଷ୍ଟରପ୍ଲାନ ପ୍ରସ୍ତୁତ ହେଉଛି। ବନ୍ୟଜନ୍ତୁଙ୍କ ଦାଉରୁ ରକ୍ଷା କରିବାକୁ ୬ଟି ଗାଁର ୪୭୯ ପରିବାରଙ୍କୁ ସ୍ୱେଚ୍ଛାକୃତ ଭାବେ ସ୍ଥାନାନ୍ତର କରାଯାଇଛି। ବନ୍ୟଜନ୍ତୁଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କୁ କ୍ଷତିପୂରଣ ଦେବା ପାଇଁ ରାଜ୍ୟ ସରକାର ଅନୁକମ୍ପା ଯୋଜନା ଆରମ୍ଭ କରାଯାଇଛି। ଏହି ଅନ୍‌ଲାଇନ୍ ଯୋଗେ ହାତୀ ଆଘାତରେ ପ୍ରାଣ ହରାଇଥିବା ବ୍ୟକ୍ତିର ପରିବାର ଲୋକ ଅନ୍‌ଲାଇନ୍ ଯୋଗେ ଆବେଦନ କରିପାରିବେ। ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ କୁଇଜ୍ ଓ ଫଟୋ ପ୍ରଦର୍ଶନ ପାଇଁ ବିଭିନ୍ନ ସ୍କୁଲର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି। ଏହି ୨୦୨୨ ବର୍ଷ ପାଇଁ ଅଲିଭ ରିଡଲେ କଇଁଛ ସଂରକ୍ଷଣରେ ଉଲ୍ଲେଖନୀୟ ଅବଦାନ ପାଇଁ ଗଞ୍ଜାମର ରବୀନ୍ଦ୍ରନାଥ ସାହୁ, ସାପମାନଙ୍କୁ ଧରି ଜଙ୍ଗଲେ ଛାଡ଼ିବା କାର୍ଯ୍ୟ ପାଇଁ ବଲାଙ୍ଗୀର ବିକିଜି ନାଗଙ୍କୁ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର ପ୍ରଦାନ କରାଯାଇଛି। ସେମାନଙ୍କୁ ଉପଢୌକନ ସହିତ ୧ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଛି।




# ୧୩ରୁ ୟୁଜି ଓ ୧୭ରୁ ପିଜି କ୍ଲାସ୍

**ଭୁବନେଶ୍ୱର :** ଚଳିତମାସ ୧୩ ତାରିଖରୁ ଯୁକ୍ତ ତିନି ଶ୍ରେଣୀ ବା ଅଣ୍ଡରଗ୍ରାଜୁଏଟ୍ ଏବଂ ୧୭ତାରିଖରୁ ପିଜି ଶ୍ରେଣୀର ପାଠପଢ଼ା ଆରମ୍ଭ ହେବ। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ କଲେଜର ପ୍ରିନ୍ସିପାଲ ଓ ପିଜି କାଉନସିଲ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏନେଇ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, ଚଳିତ ୨୦୨୨-୨୩ ଶିକ୍ଷାବର୍ଷରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କର ଶ୍ରେଣୀଗୃହରେ ପାଠପଢ଼ା ଚଳିତମାସ ୧୩ତାରିଖରୁ ଆରମ୍ଭ ହେବ। ଯୁକ୍ତ ତିନି ଓ ଯୁକ୍ତ ଦୁଇ ଶ୍ରେଣୀରେ ନାମ ଲେଖାଇଥିବା ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କର କଲେଜ ଶ୍ରେଣୀଗୃହରେ ଅକ୍ଟୋବର ୧୩ରୁ ପାଠପଢ଼ା ଆରମ୍ଭ ହେବ। ସେହିପରି ୨୦୨୨-୨୩ ପିଜି ପାଠ୍ୟକ୍ରମର ପ୍ରଥମ ବର୍ଷରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ କ୍ଲାସ ଅକ୍ଟୋବର ୧୭ରୁ ଆରମ୍ଭ ହେବ। ଯେଉଁ ପିଲାମାନେ ହଷ୍ଟେଲରେ ରହିବା ପାଇଁ ଆବେଦନ କରିଥିବେ ସେମାନଙ୍କୁ ସେବେଠୁ ହଷ୍ଟେଲ ସୁବିଧା ମଧ୍ୟ କଲେଜ କର୍ତ୍ତୃପକ୍ଷ ଯୋଗାଇ ଦେବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ, କୋଭିଡ୍ କଟକଣା ପରେ ପ୍ରଥମଥର ପାଇଁ ଚଳିତବର୍ଷ ଶ୍ରେଣୀ ଗୃହରେ ସ୍ୱାଭାବିକ ପାଠପଢ଼ା ହେବାକୁ ଯାଉଛି।

# ଆହୁରି ବ୍ୟାପକ ହେବ 'ଓଡ଼ିଶା ମୋ ପରିବାର' କାର୍ଯ୍ୟକ୍ରମ




**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ତଥା ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ 'ଓଡ଼ିଶା ମୋ ପରିବାର'ର ଭୁବନେଶ୍ୱର ରାଜ୍ୟ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଗତ ଦିନରେ ଓଡ଼ିଶା ମୋ ପରିବାର ଦ୍ୱାରା ସଂପାଦନା ହୋଇଥିବା ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଏବଂ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟାବଳୀ ଉପରେ ଆଲୋଚନା କରାଯାଇଥିଲା। ସୂଚନାଯୋଗ୍ୟ ଯେ, ରାଜ୍ୟର ରକ୍ତଭଣ୍ଡାର ଗୁଡ଼ିକରେ ରକ୍ତ ଯୋଗାଉଥିବା ପ୍ରମୁଖ ସାମାଜିକ କାର୍ଯ୍ୟକ୍ରମ ଜୀବନବିନ୍ଦୁ ଓଡ଼ିଶା ମୋ ପରିବାର ପରିସର ଭୁକ୍ତ ହେବାଠାରୁ ମାତ୍ର ୨୦ ମାସରେ ୨ ଲକ୍ଷରୁ ଉର୍ଦ୍ଧ୍ୱ ୟୁନିଟି ରକ୍ତ ସଂଗ୍ରହ କରି ସାରିଛି। ତେବେ ରକ୍ତ ଚାହିଦା ଓ ଯୋଗାଣକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏଥିପାଇଁ ଜୀବନବିନ୍ଦୁ ଜିଲ୍ଲା ସଂଯୋଜକମାନଙ୍କ ବ୍ୟତୀତ ପ୍ରତ୍ୟକ ବ୍ଲକ ସ୍ତରରେ ସଂଯୋଜକ ମାନଙ୍କୁ ନିଯୁକ୍ତ କରାଯିବା ପାଇଁ ପ୍ରସ୍ତାବ ଉପସ୍ଥାପନା ହୋଇଥିଲା। ସେହିପରି ରାଜ୍ୟର ପ୍ରମୁଖ ୯ଟା ଡାକ୍ତରଖାନାରେ ଓଡ଼ିଶା ମୋ ପରିବାର ଦ୍ୱାରା ହେଲ୍ପଡେସ୍କ ସ୍ଥାପନ କରାଯାଇ ରୋଗୀମାନଙ୍କୁ ବିଭିନ୍ନ ସହାୟତା ଯୋଗାଇ ଦିଆଯାଉଛି। ଏହାର ଚାହିଦାକୁ ଦୃଷ୍ଟିରେ ରଖି ଅନ୍ୟ ଡାକ୍ତରଖାନା ଗୁଡ଼ିକରେ ମଧ୍ୟ ଖୁବ୍ ଶୀଘ୍ର ହେଲ୍ପଡେସ୍କ ସ୍ଥାପନା କରାଯିବ ବୋଲି ଆଲୋଚନା କରାଯାଇଥିଲା । ରାଜ୍ୟ ତଥା ରାଜ୍ୟ ବାହାରେ ବିପନ୍ନ ପ୍ରବାସୀ ଓଡ଼ିଆ ମାନଙ୍କୁ ସହାୟତା କ୍ଷେତ୍ରରେ ଉପୁଜୁଥିବା ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ଉପୁଜୁଥିବା ଅସୁବିଧାକୁ ସୂଚାରୁ ରୂପେ ସମାଧାନ କରିବାପାଇଁ ଓଡ଼ିଶା ମୋ ପରିବାର ଆଗାମୀ ଦିନରେ ଗ୍ରହଣ କରିବାକୁ ଥିବା ବିଭିନ୍ନ ପଦକ୍ଷେପ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଶେଷରେ ଚଳିତ ମାସ ଅକ୍ଟୋବର ୧୬ ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଜନ୍ମ ଦିବସରେ ଓଡ଼ିଶା ମୋ ପରିବାର ଦ୍ୱାରା ବିଭିନ୍ନ ସାମାଜିକ ପ୍ରତିବଦ୍ଧତା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରାଯିବ ବୋଲି ବୈଠକରେ ଉପସ୍ଥିତ ସାଂଗଠନିକ ସଂପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ପ୍ରକାଶ କରିଥିଲେ। ଆବାହକ ଅରୁପ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୁରୀ ସାଂସଦ ପିନାକି ମିଶ୍ର, ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର (ଉତ୍ତର) ବିଧାୟକ ସୁଶାନ୍ତ ରାଉତ, ଓଡ଼ିଶା ମୋ ପରିବାର ସଦସ୍ୟା ଭାରତୀ ସିଂହ, ସହଆବାହକ ନଳିନୀକାନ୍ତ ପ୍ରଧାନ, ସଂପାଦକ ଦୁର୍ଗା ସାମନ୍ତରାୟ ଓ ସୁବାଷ ପାତ୍ର, ଯୁଗ୍ମ ସଂପାଦକ ରୁଦ୍ର ସାମନ୍ତରାୟ ଓ ରଞ୍ଜିତ ରାୟ, ଆଇନ ଉପଦେଷ୍ଟା ଅବନୀ ସାହୁ, ସ୍ୱାସ୍ଥ୍ୟ ଉପଦେଷ୍ଟା ଡଃ. ସତ୍ୟଜିତ ଦାଶ, ରାଜ୍ୟ ସଂଯୋଜକ ମିହିର ରାୟ ପ୍ରମୁଖ ଉପସ୍ଥିତ ଥିବାବେଳେ ଅନ୍ ଲାଇନ୍ ମାଧ୍ୟମରେ ଜୀବନବିନ୍ଦୁ ଜିଲ୍ଲା ସଂଯୋଜକ ମାନେ ଯୋଡ଼ି ହୋଇ ଏହି ସମୀକ୍ଷା ବୈଠକରେ ନିଜ ନିଜର ମନ୍ତବ୍ୟ ରଖିଥିଲେ।

# ଶାନ୍ତି ପାଇଁ ନୋବେଲ




**ଓସଲୋ :** ନୋବେଲ ଶାନ୍ତି ପୁରସ୍କାର ଘୋଷଣା ହୋଇଛି। ୨୦୨୨ ବର୍ଷ ନିମନ୍ତେ ନୋବେଲ କମିଟି ବେଲାରଷ ମାନବାଧିକାର ଅଧିବକ୍ତା ଏଲେସ୍ ବିୟାଲିୟାସ୍କିଙ୍କ ସହ ଋଷିଆ ମାନବାଧିକାର ସଙ୍ଗଠନ ମୋମୋରିଆଲ ଓ ୟୁକ୍ରେନ ମାନବାଧିକାର ସଙ୍ଗଠନ ସେଣ୍ଟର ଫର ସିଭିଲ ଲିବର୍ଟିଜକୁ ନୋବେଲ ଶାନ୍ତି ପୁରସ୍କାରରେ ସମ୍ବର୍ଦ୍ଧିତ କରାଯାଇଛି। ନୋବେଲ ପିସ୍ ପ୍ରାଇଜ୍ ବିଜେତା ନିଜ ଦେଶରେ ନାଗରିକ ସମାଜର ପ୍ରତିନିଧିତ୍ୱ କରୁଛନ୍ତି। ଦୀର୍ଘବର୍ଷରୁ ସରକାରଙ୍କ ସମାଲୋଚନା କରୁଥିବା ଓ ନାଗରିକଙ୍କ ମୌଳିକ ଅଧିକାରକୁ ମଜଭୁତ କରିଛନ୍ତି। ୧୯୮୦ ଦଶକ ମଧ୍ୟ ଭାଗରେ ବେଲାରଷରେ ହୋଇଥିବା ଗଣତାନ୍ତ୍ରିକ ଆନ୍ଦୋଳନ ଆରମ୍ଭ କରିବାରେ ଏଲେସ୍ ଅନ୍ୟତମ ଥିଲେ। ସେ ତାଙ୍କ ଜୀବନକୁ ତାଙ୍କ ଦେଶର ଗଣତନ୍ତ୍ର ଓ ଶାନ୍ତିପୂର୍ଣ୍ଣ ବିକାଶକୁ ପ୍ରୋତ୍ସାହିତ କରିବା ଲାଗି ଉତ୍ସର୍ଗ କରିଦେଇଛନ୍ତି। ସେ ୧୯୯୬ ମସିହାରେ 'ଭିୟାସନା' ସଙ୍ଗଠନର ସ୍ଥାପନା କରିଥିଲେ। ଭିୟାସନା ଏକ ମାନବାଧିକାର ସଙ୍ଗଠନଭାବେ ଗଢିଉଠିଥିଲା ଓ ରାଜନୈତିକ କୈଦିଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିଥିଲା। ମାନବାଧିକାର ସଙ୍ଗଠନ 'ମେମୋରିଆଲ'କୁ ପୂର୍ବତନ ସୋଭିଏତ ସଂଘର ମାନବାଧିକାର କାର୍ଯ୍ୟକର୍ତ୍ତାମାନେ ସ୍ଥାପନା କରିଥିଲେ। ଏହାର ଉଦ୍ଦେଶ୍ୟ ଥିଲା କମ୍ୟୁନିଷ୍ଟ ଶାସନରେ ଉତ୍ପିଡ଼ନାର ଶିକାର ଲୋକଙ୍କୁ ଯେପରି କେବେ ଭୁଲା ନଯାଏ। ସଙ୍ଗଠନ ସ୍ଥାପନା ପରଠାରୁ ନିଜ କର୍ତ୍ତବ୍ୟ ପାଳନ କରିଚାଲିଛି। ଯେଉଁଥିରେ ଚେଚେନ ଯୁଦ୍ଧକାଳରେ 'ମେମୋରିଆଲ' ଋଷ ଓ ଋଷିଆ ସମର୍ଥକ ଫୋର୍ସଙ୍କ ଦ୍ୱାରା ଲୋକଙ୍କ ଉପରେ କରାଯାଇଥିବା ଅତ୍ୟାଚାର ଓ ଯୁଦ୍ଧ ଅପରାଧ ସମ୍ପର୍କରେ ସାରା ବିଶ୍ୱକୁ ସୂଚନା ପହଞ୍ଚାଇଥିଲା। ୟୁକ୍ରେନରେ ମାନବାଧିକାର ଓ ଗଣତନ୍ତ୍ରକୁ ମଜଭୁତ କରିବା ଉଦ୍ଦେଶ୍ୟରେ ସେଣ୍ଟର ଫର ସିଭିଲ ଲିବର୍ଟିଜର ସ୍ଥାପନା ହୋଇଥିଲା। ଏହା ୟୁକ୍ରେନରେ ନାଗରିକ ସମାଜକୁ ମଜଭୁତ କରିବାକୁ ଓ ଅଧିକାରୀଙ୍କ ଉପରେ ୟୁକ୍ରେନକୁ ଏକ ପୂର୍ଣ୍ଣ ଗଣତନ୍ତ୍ରରେ ପରିଣତ କରିବା ପାଇଁ ଚାପ ସୃଷ୍ଟି ଲାଗି ଛିଡା ହୋଇଥିଲା। ସଙ୍ଗଠନ ଫେବୃଆରୀ ୨୦୨୨ରେ ୟୁକ୍ରେନ ଉପରେ ଋଷିଆର ଆକ୍ରମଣ ପରେ ୟୁକ୍ରେନୀୟ ନାଗରିକଙ୍କ ବିରୋଧରେ ଋଷିୟ ଯୁଦ୍ଧ ଅପରାଧର ଚିହ୍ନଟ ଓ ଏ ସମ୍ପର୍କିତ କାଗଜପତ୍ର ଜମା କରିବାର ଦାୟିତ୍ୱ ନିର୍ଭିକତାର ସହ କରିଥିଲା। ସଙ୍ଗଠନ ଦୋଷୀ ପକ୍ଷଙ୍କୁ ସେମାନଙ୍କ ଅପରାଧ ଲାଗି ଉତ୍ତରଦାୟୀ କରିବା ନିମନ୍ତେ ଅଗ୍ରଣୀ ଭୂମିକା ନିର୍ବାହ କରୁଛି।

# ଗୋଡଭଗାରେ ଦୁର୍ଗାପୂଜା ମହାସମାରୋହରେ ପାଳିତ



**ବରଗଡ଼ :** ଦୁର୍ଗତି ନାଶିନୀ ମାଁ ବିଶ୍ୱରୁପା ଦୁଷ୍ଟ ଦଳନ ପାଇଁ ଧରାବତରଣ ହୋଇଛନ୍ତି। ଦେବୀ ପୀଠ ମାନଙ୍କରେ ଗତ ୨୬ତାରିଖ ଠାରୁ ନବଦିନାତ୍ମକ ପୂଜା ଆରମ୍ଭ ହୋଇ ମୃଣ୍ମୟୀ ଦେବୀ ପୀଠ ମାନଙ୍କରେ ଷଷ୍ଠୀ ଦିବସରୁ ମାଁ କାତ୍ୟାୟନୀ ବେଶରେ ଭକ୍ତ ମାନଙ୍କୁ ଦର୍ଶନ ଦେଇଥିବାବେଳେ ଗୋଡଭଗା ଦୁର୍ଗାପୂଜା କମିଟି ପକ୍ଷରୁ ଆୟୋଜିତ ନବରାତ୍ର ପୂଜା ଉତ୍ସବରେ କର୍ତ୍ତାକର୍ତ୍ତି ଭାବେ କେ ଭର ପ୍ରସାଦ ଓ ଧର୍ମପନ୍ୀ କେ ଶ୍ରୀଲକ୍ଷ୍ମୀ ପୂଜା ଦାୟିତ୍ୱରେ ରହିଥିଲେ। ମୁଖ୍ୟ ପୂଜକ ଭାବେ ନନ୍ଦିଘୋଷ ମହାପାତ୍ର ଓ ତାଙ୍କ ତିନି ଜଣ ସାଥି ପୂଜା କାର୍ଯ୍ୟ ପାଇଁ ବ୍ରହ୍ମା ବରଣ ହୋଇ ସୁସ୍ୱରେ ବେଦ ପଠନ ପୂର୍ବକ ପୂଜା ଦାୟିତ୍ୱ ତୁଲାଇଥିଲେ। ମାଁ ମୃଣ୍ମୟୀ ଦେବୀଙ୍କ ପୂଜା ପାଇଁ ସ୍ଥାନୀୟ ଗଡ଼ତିଆ ପାଲି ଗାଁର ପୋଖରୀ ତୁଠରେ ବିଧି ଅନୁଯାୟୀ ପୂଜାର୍ଚ୍ଚନା ହୋଇ ଏକ ବିଶାଳ କଳସ ଶୋଭାଯାତ୍ରା ପୂଜା ମଣ୍ଡପରେ ପହଞ୍ଚି ସ୍ଥାପନ ପୂର୍ବକ ମାଁ ଦୂର୍ଗାଙ୍କ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ଷଷ୍ଠୀ ତିଥିରେ ମାଁ ଦୁର୍ଗା କାତ୍ୟାୟନୀ ବେଶରେ ଦର୍ଶନ ଦେବା ସହ ଅଷ୍ଟମୀ ଓ ନବମୀ ତିଥିରେ ମାଁ ଦୁର୍ଗତି ନାଶିନୀଙ୍କ ସନ୍ଧିପୂଜା ପାରମ୍ପରିକ ରୀତିନୀତି ତଥା ମାଁଙ୍କ ଯୁଗାର ଯାତ୍ରା ଶ୍ରଦ୍ଧାଳୁ ଭକ୍ତ ଓ ଅଞ୍ଚଳ ବାସୀଙ୍କ ମନ ମୋହିଥିଲା। ସେହିପରି ଭକ୍ତ ମାନଙ୍କ ମନୋରଞ୍ଜନ ପାଇଁ ପ୍ରତ୍ୟହ ରାମ ଲୀଳା ମହୋତ୍ସବ ହେବା ସହ ଲଙ୍କପତି ରାବଣଙ୍କ ନଗର ପରିକ୍ରମା, ଲଙ୍କେଶ୍ୱରୀ ଦେବୀଙ୍କ ନଗର ପରିକ୍ରମା, ଲଙ୍କେଶ୍ୱରୀ ଏବଂ ହନୁମାନଙ୍କ ଯୁଦ୍ଧ ଓ ୪ତାରିଖ ଦିନ ହନୁମାନ ଓ ଇନ୍ଦ୍ରଜିତ ଯୁଦ୍ଧ, ଲଙ୍କାପୋଡ଼ି, କୁମ୍ଭକର୍ଣ୍ଣଙ୍କ ନିଦ୍ରା ଭଙ୍ଗ, ରାମ ଲକ୍ଷ୍ମଣଙ୍କ ନଗର ପରିକ୍ରମା, କୁସୁମ ଟିକ୍ରା ଓ ଦୂଲମ୍ ପୁର କୃଷ୍ଣଗୁରୁ, ୫ ତାରିଖ ଦଶମୀ ତିଥିରେ ରାମ ରାବଣ ଯୁଦ୍ଧ, ଇନ୍ଦ୍ରଜିତ, କୁମ୍ଭକର୍ଣ୍ଣ ଏବଂ ରାବଣ ବଦ୍ଧ, ରାବଣ ପୋଡ଼ି ଓ ଆତସ ବାଜି କାର୍ଯ୍ୟକ୍ରମ କରାଯାଇଥିଲା। ୬ତାରିଖ ଦିନ ଭସାଣୀ ଉତ୍ସବ ସ୍ଥାନୀୟ ଗୋଡଭଗା କେନାଲ ତଥା ପଞ୍ଚାୟତ ଅଫିସ ସମ୍ମୁଖରେ କରାଯାଇଥିଲା। ଏଥିରେ ଆଖପାଖ ଗାଁ ଗଣ୍ଡା, ଅଞ୍ଚଳବାସୀ ତଥା କମିଟିର ସମସ୍ତ ସଦସ୍ୟ ମାନଙ୍କ ସକ୍ରିୟ ସହଯୋଗ କରିଥିଲେ।

# ରାଜ୍ୟରେ ଦୁର୍ଘଟଣା ଜନିତ ମୃତ୍ୟୁହାର ୪.୦୧% ହ୍ରାସ

**କଟକ :** ଓଡ଼ିଶାରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ହାର ହ୍ରାସ ପାଇଛି। ଗତବର୍ଷ ଜୁଲାଇ ମାସ ତୁଳନାରେ ଚଳିତ ବର୍ଷ ଜୁଲାଇ ମାସ ମଧ୍ୟରେ ଓଡ଼ିଶା ର ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ଜନିତ ମୃତ୍ୟୁ ହାର କମିଛି। ଯଦି ଦେଖିବା ଚଳିତବର୍ଷ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ହାର ୪.୦୧ ପ୍ରତିଶତ ହ୍ରାସ ପାଇଛି। ରାଜ୍ୟ ପରିବହନ ବିଭାଗ ଅତିରିକ୍ତ କମିସନର ଲାଲମୋହନ ସେଠି ଏହା କହିଛନ୍ତି। ଶ୍ରୀ ସେଠି କହିଛନ୍ତି ଯେ, ଜୁଲାଇ ୨୦୨୧ରେ ୩୯୯ ଜଣଙ୍କର ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ଘଟିଥିବା ବେଳେ ୨୦୨୨ ଜୁଲାଇକୁ ଏହା ୩୮୩କୁ ଖସି ଆସିଛି। ସୂଚନାଯୋଗ୍ୟ ବର୍ଷର ତ୍ରୟମାସିକରେ ରାଜ୍ୟ ଦୁର୍ଘଟଣାରେ ୧୦ ପ୍ରତିଶତ ଦୁର୍ଘଟଣା ବୃଦ୍ଧି ପାଇଥିବା ବେଳେ ମୃତ୍ୟୁ ହାର ୭.୫୫ ପ୍ରତିଶତକୁ ଖସି ଆସିଛି, ଯାହା ରାଜ୍ୟ ପରିବହନ ବିଭାଗ ପାଇଁ ଖୁସି ଖବର। ରାଜ୍ୟରେ ସଡ଼କ ସୁରକ୍ଷା ନିୟମକୁ କଡାକଡି ପାଳନ କରିବାର ଏହା ହେଉଛି ନିଷ୍କର୍ଷ।୨୦୨୧ ରୁ ୨୦୨୨ ମଧ୍ୟରେ ମୋଟ ୨,୪୭,୯୪୫ଟି ଇ-ଚାଲାଣ କଟାଯାଇଛି। କିନ୍ତୁ ଚଳିତ ବର୍ଷ ଅର୍ଥାତ ୨୦୨୨-୨୩ ବର୍ଷର ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ୨,୮୬,୬୮୨ ଇ-ଚାଲାଣ କଟାଯାଇଛି। ଏହା ଦ୍ୱାରା ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ଉପରେ ହ୍ରାସ ପରିଲକ୍ଷିତ ହୋଇଛି। ଏହି ଦିଗ ଆଗାମୀ ଦିନରେ ମଧ୍ୟ ବଳବତ୍ତର ରହିବ।







# ଓଡ଼ିଶାର ନଦୀ ଜଳ ବିଷାକ୍ତ



**ଭୁବନେଶ୍ୱର :** ରାଜ୍ୟର ଅଧିକାଂଶ ନଦୀର ପାଣି ଏବେ ବିଷାକ୍ତ। ଭୁବନେଶ୍ୱରର ଗଙ୍ଗୁଆଠାରୁ ଆରମ୍ଭ କରି କଟକର କାଠଯୋଡ଼ି ପର୍ଯ୍ୟନ୍ତ ପ୍ରାୟ ସବୁ ନଦୀର ପାଣି ପ୍ରଦୂଷିତ। କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ ରିପୋର୍ଟରୁ ଏହା ଜଣାପଡ଼ିଛି। ତେବେ ଗଙ୍ଗୁଆ ନାଳର ପାଣି ସର୍ବାଧିକ ମାତ୍ରାରେ ପ୍ରଦୂଷିତ। ଗଙ୍ଗୁଆ ନାଳର ପ୍ରତି ୧ ଲିଟର ପାଣିରେ ୧୯.୯ ମିଲିଗ୍ରାମର ବାୟୋକେମିକାଲ ଅକ୍ସିଜେନ୍ ଡିମାଣ୍ଡ ବା ବିଓଡି ରହିଛି। ସେହିପରି ବ୍ରାହ୍ମଣୀ ନଦୀ ମଧ୍ୟ ପ୍ରଦୂଷିତ। ରାଉରକେଲାରୁ ବିରିତୋଳ ମଧ୍ୟରେ ବ୍ରାହ୍ମଣୀ ନଦୀର ପାଣି ସର୍ବାଧିକ ପ୍ରଦୂଷିତ ବୋଲି ଜଣାପଡ଼ିଛି। ଏଠାରେ ବ୍ରାହ୍ମଣୀ ନଦୀର ବିଓଡି ରହିଛି ୬.୩ ମିଲିଗ୍ରାମ। ରାଉରକେଲାର ଗୁରୁଡିହ ନାଳ, ଭୁବନେଶ୍ୱର ଉପକଣ୍ଠରେ ପ୍ରବାହିତ ଦୟା ଓ କାଠଯୋଡ଼ି ନଦୀ ସମେତ ପୁରୀର ମଙ୍ଗଳା ନଦୀ ପ୍ରଦୂଷିତ। ସେହିପରି ତାଳଚେରର ନନ୍ଦିରାଝୋର, ବାଙ୍ଗୁରୁନାଳ, କୁସୁମୀ, ସମ୍ବଲପୁରରୁ ବାହାରିଥିବା ମହାନଦୀ ସମେତ ପୁରୀ କଣାସ ଲୁଣା ନଦୀ, ରନ୍‌ଚିରା ନଦୀ, ରାୟଗଡ଼ାର ନାଗାବଳି, ବାରିପଦାର ବୁଢ଼ାବଳଙ୍ଗ, ଗଞ୍ଜାମର ଋଷିକୂଲ୍ୟା ମଧ୍ୟ ପ୍ରଦୂଷିତ। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲଙ୍କ ନିକଟରେ ଦାଖଲ କରାଯାଇଥିବା ରିପୋର୍ଟରେ ଏହା ଦର୍ଶାଯାଇଛି। ପାର୍ବଣ ପୂର୍ବରୁ ନଦୀର ଏ ସ୍ଥିତି ଥିବାବେଳେ ପାର୍ବଣ ପରେ ସ୍ଥିତି ଯେ କଣ ହେବ ସେନେଇ ପରିବେଶବିତ୍ମାନେ ଉଦବେଗ ପ୍ରକାଶ କରିଛନ୍ତି। ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ଏକ ମାମଲାର ଶୁଣାଣି ବେଳେ କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ ପକ୍ଷରୁ ଏହି ରିପୋର୍ଟ ଦାଖଲ କରାଯାଇଛି।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**
Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**